52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 117 | Brahmapur | Wednesday 10 June 2026 | ବର୍ଷ: ୪୫/ ଅଙ୍କ: ୧୧୭ | ବୁଧବାର ୧୦ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ୫.୫.୦୦

ଦୀଘା 'ଜଗନ୍ନାଥ ଧାମ' ନାମକରଣ ପରିବର୍ତ୍ତନ ଦାବି

ଶୁଭେନ୍ଦୁଙ୍କୁ ଚିଠି ଲେଖିଲେ ମୋହନ

ଭୁବନେଶ୍ୱର ୯।୬: ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦ ହଟାଇବା ପ୍ରସଙ୍ଗରେ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଶୁଭେନ୍ଦୁ ଅଧିକାରୀଙ୍କୁ ମୋହନ ମାଝୀଙ୍କ ଚିଠି ଲେଖିଛନ୍ତି । ଦୀଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦକୁ ବାଦ୍ ଦେବାକୁ ଚିଠିରେ ଉଲ୍ଲେଖ । ମୁଖ୍ୟମନ୍ତ୍ରୀ ଲେଖିଛନ୍ତି 'ଜଗନ୍ନାଥ ଧାମ' ଶବ୍ଦଟି ଭାରତର ପୂଜ୍ୟ ଚାରିଧାମ ମଧ୍ୟରୁ ଗୋଟିଏ ପୁରୀରେ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଧାମ ସହିତ ଆନ୍ତରିକ ଭାବରେ ଜଡିତ । ଏହି ନାମକରଣ ଅତ୍ୟନ୍ତ ଆଧ୍ୟାତ୍ମିକ, ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରେ ଏବଂ ଅଗଣିତ ଭକ୍ତଙ୍କ ବିଶ୍ୱାସ ଏବଂ ଚେତନାରେ ଏକ ଅନନ୍ୟ ସ୍ଥାନ ଅଧିକାର କରେ । ପୁରୀର ଶ୍ରୀଜଗନ୍ନାଥ ଧାମ ସହିତ ଜଡିତ ପବିତ୍ରତା ଏବଂ ସ୍ୱତନ୍ତ୍ର ପରିଚୟକୁ ସଂରକ୍ଷଣ କରିବାର ମନୋଭାବରେ, 'ଧାମ' ଶବ୍ଦକୁ ବାଦ୍ ଦେଇ ଏବଂ 'ଶ୍ରୀ ଜଗନ୍ନାଥ ମନ୍ଦିର, ଦୀଘା' ଭଳି ଏକ ଉପଯୁକ୍ତ ବିକଳ୍ପ ନାମ ଗ୍ରହଣ କରି ଦୀଘା ମନ୍ଦିର ପରିସରର ନାମକରଣର ଉପଯୁକ୍ତ ସଂଶୋଧନକୁ ସହଜ କରିବା ପାଇଁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ପୂର୍ବରୁ ଦୀଘାରେ ଜଗନ୍ନାଥ ଧାମ ନାମ ହଟାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରି ଅପିଲ କରିଥିଲେ ପୁରୀ ସାଂସଦ ସମ୍ବିତ ପାତ୍ର । ଉଲ୍ଲେଖଯୋଗ୍ୟ ଯେ, ପୁରୀ ଶ୍ରୀମନ୍ଦିରର ଅବିକଳ ନକଲରେ ଗଢ଼ାହୋଇଛି ଦୀଘା ଜଗନ୍ନାଥ ମନ୍ଦିର । ୨୦ ଏକର ଜମିରେ ଓ ୨୫୦ କୋଟି ବ୍ୟୟରେ ନିର୍ମାଣ ହୋଇଛି ମନ୍ଦିର । ଦୀଘା ଜଗନ୍ନାଥ ମନ୍ଦିର ନିର୍ମାଣ ଦିନରୁ ଲାଗି ରହିଥିଲା ବିବାଦ ।

ପଶ୍ଚିମବଙ୍ଗ ସରକାର ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ଏହା କୋଟି କୋଟି ଓଡ଼ିଆଙ୍କ ଭାବାବେଗକୁ ବ୍ୟଥିତ କରିଥିଲା । ସବୁଆଡୁ ବିରୋଧର ସୁଅ ଛୁଟିଥିଲା । ବିବାଦ ବଢ଼ିବା ପରେ ଦୀଘାରୁ ହଟିଥିଲା 'ଜଗନ୍ନାଥ ଧାମ' ନାମ । ନାମକରଣ ବୋର୍ଡରେ ଯେଉଁ ଜଗନ୍ନାଥ ଧାମ ଲେଖାଯାଇଥିଲା, ତାକୁ ହଟାଇ ଦିଆଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ସମେତ ଓଡ଼ିଶା ଓ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ବିରୋଧ ପରେ ଦୀଘାରୁ ହଟାଇ ଦିଆଯାଇଥିଲା ଜଗନ୍ନାଥ ଧାମ ନାମ ।

ବଢ଼ିଲା ଚିନ୍ତା: ଭାରତର ପ୍ରଜନନ ହାର ୧.୯କୁ ହ୍ରାସ

ନୂଆଦିଲ୍ଲୀ, ୯।୬: ଭାରତ ଜନସଂଖ୍ୟା ବିସ୍ଫୋରଣ ଆଡ଼କୁ ଗତି କରୁଛି... ଗତ କିଛି ଦଶନ୍ଧି ହେବ ଭାରତର ଜନସଂଖ୍ୟାକୁ ନେଇ ବାରମ୍ବାର ଏହି ଗୋଟିଏ ଚିନ୍ତା ପ୍ରକଟ କରାଯାଉଥିଲା। କିନ୍ତୁ ୨୦୨୪ ରେ ଜାରି ହୋଇଥିବା ସାମ୍ପଲ୍ ରେଜିଷ୍ଟ୍ରେସନ୍ ସିଷ୍ଟମ୍‌ର ସର୍ବଶେଷ ରିପୋର୍ଟ ଏହି ବିତର୍କକୁ ଏକ ନୂଆ ମୋଡ଼ ଦେଇଛି। ରିପୋର୍ଟ ଅନୁଯାୟୀ, ଭାରତର ସମୁଦାୟ ପ୍ରଜନନ ହାର ହ୍ରାସ ପାଇ ୧.୯ ରେ ପହଞ୍ଚିଛି। ଏହା କେବଳ ଏକ ପରିସଂଖ୍ୟାନଗତ ପରିବର୍ତ୍ତନ ନୁହେଁ, ବରଂ ଭାରତୀୟ ସମାଜ, ଅର୍ଥବ୍ୟବସ୍ଥା, ପରିବାର ଗଠନ ଏବଂ ଭବିଷ୍ୟତର ଜନସଂଖ୍ୟା ସଂରଚନାରେ ଆସୁଥିବା ଗଭୀର ପରିବର୍ତ୍ତନର ସଙ୍କେତ ଅଟେ। ୧୯୭୧ରେ ଭାରତର ସମୁଦାୟ ପ୍ରଜନନ ହାର ୫.୨ ଥିଲା । ଏହାର ଅର୍ଥ ଥିଲା ଯେ ହାରାହାରି ଜଣେ ଭାରତୀୟ ମହିଳା ନିଜ ଜୀବନକାଳ ମଧ୍ୟରେ ପାଞ୍ଚରୁ ଅଧିକ ସନ୍ତାନ ଜନ୍ମ ଦେଉଥିଲେ । ଆଜି ଏହି ସଂଖ୍ୟା ୧.୯ରେ ରହିଛି । ପାଞ୍ଚ ଦଶନ୍ଧି ମଧ୍ୟରେ ଏହି ହ୍ରାସ ଭାରତର ଜନସଂଖ୍ୟା ଇତିହାସର ସବୁଠାରୁ ବଡ଼ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ । ରିପୋର୍ଟରେ ଅନେକ ଭିନ୍ନ ଭିନ୍ନ ଦିଗ ଉପରେ ସୂଚନା ଦିଆଯାଇଛି । କିନ୍ତୁ ତାହା ପୂର୍ବରୁ ଏହା ଜାଣିବା ଜରୁରୀ ଯେ ପ୍ରକୃତରେ ଟିଏଫଆର୍ କଣ, ଏହାର ମାଧ୍ୟମ କ'ଣ ଏବଂ କାହିଁକି ଏହାର ହ୍ରାସ ହେବା ଦେଶ ପାଇଁ ଚିନ୍ତାର ଏକ ବଡ଼ କାରଣ ଅଟେ । ଭାରତରେ ଆସିଥିବା ଏହି ପରିବର୍ତ୍ତନ ହଠାତ୍ ଆସି ନାହିଁ । ୧୯୬୭ରେ ଆରମ୍ଭ ହୋଇଥିବା ପରିବାର ନିୟୋଜନ ଅଭିଯାନ ଏବଂ ପରେ ବଚେ ଦୋ ହି ଅଚ୍ଛେ ବାର୍ତ୍ତା ଛୋଟ ପରିବାର ପ୍ରତି ଲୋକଙ୍କୁ ଆକର୍ଷଣ କରିଥିଲା । ଏହା ସହିତ ମହିଳା ଶିକ୍ଷା, ସହରୀକରଣ, ସ୍ୱାସ୍ଥ୍ୟ ସେବାର ବ୍ୟାପକ ସୁଯୋଗ ଏବଂ ବଦଳୁଥିବା ସାମାଜିକ-ଅର୍ଥନୈତିକ ସ୍ଥିତି ମଧ୍ୟ ପରିବାରର ଗଠନକୁ ପ୍ରଭାବିତ କରିଛି । ରିପୋର୍ଟ ଦର୍ଶାଉଛି ଯେ ଏହି ହ୍ରାସ କେବଳ ସହର ମଧ୍ୟରେ ସୀମିତ ନାହିଁ, ବରଂ ଗ୍ରାମୀଣ ଭାରତରେ ମଧ୍ୟ ସମାନ ଭାବରେ ଦେଖାଯାଉଛି । ଯଦିଓ ବିହାର ଏବଂ ଉତ୍ତରପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ପ୍ରଜନନ ହାର ଏବେ ମଧ୍ୟ ଜାତୀୟ ହାରଠାରୁ ଅଧିକ ଅଛି । କିନ୍ତୁ ସେଠାରେ ମଧ୍ୟ ହ୍ରାସର ଧାରା ଜାରି ରହିଛି । ବିଶେଷଜ୍ଞମାନଙ୍କ ମତରେ, ଭାରତ ଏବେ ଡେମୋଗ୍ରାଫିକ୍ସ ଟ୍ରାଞ୍ଜିସନର ସେହି ପର୍ଯ୍ୟାୟରେ ପହଞ୍ଚି ସାରିଛି ଯେଉଁଠାରେ ହ୍ରାସ ପାଉଥିବା ଜନ୍ମ ହାର ଆଗାମୀ ବର୍ଷଗୁଡ଼ିକରେ ଦେଶର ଅର୍ଥବ୍ୟବସ୍ଥା, ଶ୍ରମଶକ୍ତି ଏବଂ ବୃଦ୍ଧ ଜନସଂଖ୍ୟାର ସଂରଚନା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ସମୁଦାୟ ପ୍ରଜନନ ହାର ଦର୍ଶାଏ ଯେ ଯଦି ବର୍ତ୍ତମାନର ଜନ୍ମ ହାର ବଜାୟ ରହେ, ତେବେ ଜଣେ ମହିଳା ନିଜର ସମ୍ପୂର୍ଣ୍ଣ ପ୍ରଜନନ କାଳ (୧୫-୪୯ ବର୍ଷ) ମଧ୍ୟରେ ହାରାହାରି କେତେ ସନ୍ତାନ ଜନ୍ମ କରିପାରିବେ । ଜନସଂଖ୍ୟା ବିଜ୍ଞାନରେ ୨.୧ର ପ୍ରଜନନ ହାରକୁ ରିପ୍ଲେସମେଣ୍ଟ ଲେଭଲ୍ କୁହାଯାଏ । ଏହାର ଅର୍ଥ ହେଉଛି, ହାରାହାରି ପ୍ରତ୍ୟେକ ମହିଳା ପ୍ରାୟ ଏତିକି ସନ୍ତାନ ଜନ୍ମ କରିବା ଦରକାର ଯେପରି ଆଗାମୀ ପିଢ଼ିର ଜନସଂଖ୍ୟା ବର୍ତ୍ତମାନର ପିଢ଼ିର ସ୍ଥାନ ନେଇପାରିବ । ଯଦି କୌଣସି ଦେଶର ଏଫଟିଆର ଦୀର୍ଘ ସମୟ ଧରି ୨.୧ରୁ କମ୍ ରହେ, ତେବେ ଧୀରେ ଧୀରେ ସେହି ଦେଶର ଜନସଂଖ୍ୟା ବୃଦ୍ଧିର ଗତି କମିଯାଏ ।

ଭାରତର ଏଫଟିଆର ଏବେ ୧.୯ ଅଛି, ଅର୍ଥାତ୍ ଦେଶ ଜାତୀୟ ସ୍ତରରେ ରିପ୍ଲେସମେଣ୍ଟ ଲେଭରୁ ତଳକୁ ଖସି ଆସିଛି । ଏଭଳି ସ୍ଥିତି ୟୁରୋପ, ଜାପାନ, ଦକ୍ଷିଣ କୋରିଆ ଏବଂ ଚୀନ ଭଳି ଦେଶରେ ପୂର୍ବରୁ ଦେଖାଯାଇ ସାରିଛି । ସଦ୍ୟତମ ତଥ୍ୟ ଦର୍ଶାଉଛି ଯେ ପ୍ରଜନନ ହାରରେ ଆସିଥିବା ଏହି ହ୍ରାସ କୌଣସି ସାମ୍ପ୍ରତିକ ଘଟଣା ନୁହେଁ । ଗତ ଏକ ଦଶନ୍ଧି ମଧ୍ୟରେ ଜାତୀୟ ପ୍ରଜନନ ହାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି । ଏହା ୨୦୧୨-୧୪ ଅବଧି ମଧ୍ୟରେ ୨.୩ରୁ ହ୍ରାସ ପାଇ ୨୦୨୨-୨୪ ସୁଦ୍ଧା ୧.୯ରେ ପହଞ୍ଚିଛି । ଏହା ପ୍ରାୟ ୧୭.୪ ପ୍ରତିଶତ ହ୍ରାସକୁ ଦର୍ଶାଉଛି ।ଏହି ଧାରା କେବଳ କୌଣସି ଗୋଟିଏ ଅଞ୍ଚଳରେ ସୀମିତ ନାହିଁ । ଗ୍ରାମୀଣ ଏବଂ ସହରୀ ଉଭୟ ଭାରତରେ ଏହି ପରିବର୍ତ୍ତନ ସ୍ପଷ୍ଟ ଭାବେ ଦେଖାଯାଉଛି । ଏଥିରୁ ସଙ୍କେତ ମିଳୁଛି ଯେ ଦେଶରେ ଜନସଂଖ୍ୟାଗତ ପରିବର୍ତ୍ତନ ବ୍ୟାପକ ସ୍ତରରେ ଏବଂ କ୍ରମାଗତ ଭାବରେ ହେଉଛି । ସରଳ ଭାଷାରେ କହିଲେ, ଭାରତରେ ପରିବାରଗୁଡ଼ିକର ଆକାର ଧୀରେ ଧୀରେ ଛୋଟ ହେଉଛି । ଲୋକମାନେ ପୂର୍ବ ଅପେକ୍ଷା କମ ସନ୍ତାନ ଜନ୍ମ କରୁଛନ୍ତି ଏବଂ ଏହି ପରିବର୍ତ୍ତନ ସାରା ଦେଶରେ ପ୍ରାୟ ସମାନ ଭାବରେ ଦେଖିବାକୁ ମିଳୁଛି । ଏହା ଭାରତର ଜନସଂଖ୍ୟା ଗଠନରେ ହେଉଥିବା ଦୀର୍ଘକାଳୀନ ପରିବର୍ତ୍ତନର ଏକ ବଡ଼ ସଙ୍କେତ ।

ହାତୀ ମୃତ୍ୟୁ ମାମଲା ଅଭିଯୁକ୍ତ ଏସିଏଫ୍‌ଙ୍କୁ ପୁଣି ଥଇଥାନ

ବ୍ରହ୍ମପୁର,୯।୬: ବହୁ ଚର୍ଚ୍ଚିତ କନ୍ଧମାଳଜିଲ୍ଲା ବାଲିଗୁଡ଼ା ଜଙ୍ଗଲରେ ହାତୀ ମୃତ୍ୟୁ ମାମଲାର ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ସହକାରୀ ବନସଂରକ୍ଷକ (ଏସିଏଫ) ସୂର୍ଯ୍ୟକାନ୍ତ ବେହେରାଙ୍କୁ ରାଜ୍ୟ ସରକାର ପୁଣି ଥଇଥାନ କରିଛନ୍ତି। ମିଳିଥିବା ସୂଚନାନୁସାରେ, ତାଙ୍କ ଉପରେଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହୃତ କରାଯାଇଛି। ଏହାପରେ ତାଙ୍କୁ ଭୁବନେଶ୍ୱର ଆର୍‌ସିସିଏଫ୍ କାର୍ଯ୍ୟାଳୟରେ ଏସିଏଫ୍ ଭାବେ ଥଇଥାନ କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ୧୫ ରେ ବାଲିଗୁଡା ଡିଭିଜନ ବେଲଘର ରେଞ୍ଜରେ ଏକ ମାଇହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ଏହାକୁ ଲୁଚେଇବା ନିମନ୍ତେ ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ରେଞ୍ଜର ବିନୟ ବିଶି ଓ ତାଙ୍କ ଡ୍ରାଇଭର ଗିରଫ ହୋଇଥିଲେ। ଘଟଣା ସତ ବୋଲି ଜାଣି ବି ଏସିଏଫ ସୂର୍ଯ୍ୟକାନ୍ତ ବେହେରା ତଦନ୍ତ ରିପୋର୍ଟ ଚାପିଥିବା ଆରସିସିଏଫଙ୍କ ତଦନ୍ତରେ ଜଣା ପଡିଥିଲା। ଏହାପରେ ବିଭାଗୀୟ ଅନୁମୋଦନକ୍ରମେ ଜାନୁଆରୀ୩୧ ନିଲମ୍ବନ କରାଯାଇଥିଲା। ଆଜି (ମଙ୍ଗଳବାର) ବନ ବିଭାଗ ସୂର୍ଯ୍ୟକାନ୍ତନକ ଉପରୁ ନିଲମ୍ବନ ହଟେଇ ନୂଆ ନିଯୁକ୍ତି ଦେଇଛନ୍ତି। ତାଙ୍କୁ ଭୁବନେଶ୍ୱର ଆରସିସିଏଫ ଅଫିସରେ ଏନଫୋର୍ସମେଣ୍ଟ ଏସିଏଫ ଭାବେ ନିଯୁକ୍ତି ମିଳିଛି।

ଦୁର୍ନୀତି ଅଭିଯୋଗରେ ବଡ଼ କାର୍ଯ୍ୟାନୁଷ୍ଠାନ

ଜଳସମ୍ପଦ ବିଭାଗର ତିନି ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୯।୬: ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆକ୍ସନ । ଦୁର୍ନୀତି ଅଭିଯୋଗରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନିଲମ୍ବିତ ହେଲେ ଜଳସମ୍ପଦ ବିଭାଗର ୩ ଯନ୍ତ୍ରୀ । ବରଗଡ଼ ଜଳସେଚନ ଡିଭିଜନର ସୁପାରିଟେଣ୍ଡଣ୍ଟ ଇଞ୍ଜିନିୟର ମଦନ ମୋହନ ସେଠୀ, ଭେଡେନ ଜଳସେଚନ ବିଭାଗର ସବ୍ ଡିଭିଜନ ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜ୍ କୁମାର ମିଶ୍ର, ବରଗଡ଼ କେନାଲ ସେକ୍ସନର ଆସିଷ୍ଟାଣ୍ଟ ଇଞ୍ଜିନିୟର ରଞ୍ଜନ ପଟେଲ ନିଲମ୍ବିତ ହୋଇଛନ୍ତି । ଆର୍ଥିକ ଅନିୟମିତତା ଅଭିଯୋଗରେ ଜଳ ସମ୍ପଦ ବିଭାଗ ନିଲମ୍ବନ କରିଛି । ବରଗଡ଼ ଡିଷ୍ଟ୍ରିବ୍ୟୁଟାରୀ ଉପରେ ବାକ୍ସ କଣ୍ଡକ୍ଟ ନିର୍ମାଣ, ବରଗଡ଼ କେନାଲ ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇଛି । ନିଲମ୍ବନ ସମୟରେ ମଦନ ମୋହନ ସେଠୀ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ କୁମାର ମିଶ୍ର ଓ ରଞ୍ଜନ ପଟେଲ ମହାନଦୀ ବେସିନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ମୋଦିଙ୍କ ସଫଳତାର ୧୨ ବର୍ଷ ପୂର୍ତ୍ତିରେ ଶୁଭେଚ୍ଛା ଜଣାଇଲେ ମୋହନ

ଡବଲ୍ ଇଞ୍ଜିନ ବଳରେ ଓଡ଼ିଶା ବିକାଶ ମୁହାଁ: ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀଙ୍କୁ ଜନସାଧାରଣଙ୍କ ତରଫରୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୬: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଏବଂ ରାଜ୍ୟର ଡବଲ୍ ଇଞ୍ଜିନ ସରକାରର ମିଳିତ ସମନ୍ୱୟ ବଳରେ ଓଡ଼ିଶାର ବିକାଶ ପ୍ରକ୍ରିୟା ଏକ ପ୍ରଭାବଶାଳୀ ଗତି ଦେଇ ଅଗ୍ରସର ହେଉଛି। ଯୋଗାଯୋଗ, ଶିଳ୍ପ, ଭିତ୍ତିଭୂମି, କୃଷି, ନାରୀ ସଶକ୍ତୀକରଣ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନାର ଦୃଢ଼ ରୂପାୟନ ମାଧ୍ୟମରେ ପ୍ରତିଟି ନାଗରିକଙ୍କୁ ସଶକ୍ତ କରାଯାଉଛି। କେନ୍ଦ୍ର ସରକାରଙ୍କ ସେବା ଓ ସମର୍ପଣର ୧୨ ବର୍ଷ ଏବଂ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରେଳ ବଜେଟ୍‌ର ଅଭୂତପୂର୍ବ ଅଭିବୃଦ୍ଧି, ସାଗରମାଳା ପ୍ରକଳ୍ପ, ପିଏମ୍ କିଷାନ, ଲକ୍ଷପତି ଦିଦି ଏବଂ ଆୟୁଷ୍ମାନ ଭାରତ–ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭଳି ଯୁଗାନ୍ତକାରୀ କାର୍ଯ୍ୟକ୍ରମ ରାଜ୍ୟର ସାମଗ୍ରିକ ବିକାଶକୁ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି। କେନ୍ଦ୍ର ସରକାରଙ୍କ ସହଯୋଗୀ ମାର୍ଗଦର୍ଶନ ଓ ଆମ ସରକାରଙ୍କ ନିଷ୍ଠାପର କାର୍ଯ୍ୟଶୈଳୀ ଦ୍ୱାରା ଓଡ଼ିଆ

ଅସ୍ମିତାର ସୁରକ୍ଷା ସହ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମର ଏହି ପ୍ରତିଶ୍ରୁତିବଦ୍ଧ ଯାତ୍ରା ନିରନ୍ତର ଜାରି ରହିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି କେନ୍ଦ୍ର ସରକାରଙ୍କ ନିରନ୍ତର, ସ୍ୱଚ୍ଛ ସେବା, ସୁଦୃଢ଼ ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣର ଅଭିଯାତ୍ରାର ୧୨ ବର୍ଷ ଏବଂ ତୃତୀୟ ପାଳିର ଦୁଇଟି ଅସାଧାରଣ, ସଫଳ ବର୍ଷ ପୂର୍ଣ୍ଣ ହୋଇଛି। ସବୁଠାରୁ ଗୌରବମୟ କଥା ହେଉଛି, ଆସନ୍ତାକାଲି ମୋଦୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନମୁଖ୍ୟ ଭାବେ ସର୍ବାଧିକ ସମୟ (୪,୩୯୯ ଦିନ) ସେବା କରିବାର ଏକ ଅଭୂତପୂର୍ବ, ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି। ଏହି ମହାନ୍ ଅବସରରେ ମୁଁ ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କ ତରଫରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଓ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କର ଦୀର୍ଘ, ନିରାମୟ ଜୀବନ କାମନା କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ସେବାର ୧୨ ବର୍ଷ ଏବଂ ତୃତୀୟ ପାଳିର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ, ରାଜ୍ୟସଭା ସାଂସଦ ମନମୋହନ ସାମଲ ଏବଂ ରାଜ୍ୟ କ୍ୟାବିନେଟ୍‌ର ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ଥିଲେ। ବିଗତ ବର୍ଷଗୁଡ଼ିକରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରକଲ୍ୟାଣକାରୀ ନୀତି ଯୋଗୁଁ ସମଗ୍ର ଦେଶ ସହିତ ଆମ ଓଡ଼ିଶାରେ ସୃଷ୍ଟି ହୋଇଥିବା ପ୍ରଗତିର ନୂତନ ଦିଗନ୍ତ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

ଲାଞ୍ଚ ନେଇ ଭିଜିଲାନ୍ସ ହାବୁଡ଼ରେ ପଡ଼ିଲେ ଦୁଇ

ଭୁବନେଶ୍ୱର ୯।୬: ଫାର୍ମାସି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଦେବାକୁ ନେଉଥିଲେ ଲାଞ୍ଚ । ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁଇ ଗିରଫ । ଓଡ଼ିଶା ଫାର୍ମାସି କାଉନସିଲ୍ର ବରିଷ୍ଠ ସହାୟକ ବିଶ୍ୱମୋହନ ପଟ୍ଟନାୟକ ଓରଫ ରାଜା ଏବଂ ତାଙ୍କ ସହଯୋଗୀ ମହମ୍ମଦ ଇଜାଜ ଖାନ ଓରଫ ପୃଷ୍ଟିଙ୍କୁ ଗିରଫ କରିଛି ଭିଜିଲାନ୍ସ । ଫାର୍ମାସି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଦେବା ପାଇଁ ଜଣେ ଆବେଦନକାରୀଙ୍କ ଠାରୁ ୯ ହଜାର ଟଙ୍କା ଲାଞ୍ଚ ଦାବି ଓ ଗ୍ରହଣ କରୁଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ସୂଚନାଯୋଗ୍ୟ ଯେ, ଜଣେ ଆବେଦନକାରୀ ଫାର୍ମାସି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପାଇବା ପାଇଁ ପ୍ରାୟ ସପ୍ତାହେ ଧରି ବିଶ୍ୱମୋହନ ପଟ୍ଟନାୟକଙ୍କୁ ଅନୁରୋଧ କରୁଥିଲେ ।

କିନ୍ତୁ ସାର୍ଟିଫିକେଟ୍ ପ୍ରଦାନ ସମ୍ପର୍କିତ କାର୍ଯ୍ୟ କରିଦେବା ପାଇଁ ସେ ୯ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ମଙ୍ଗଳବାର ଆବେଦନକାରୀ ଭୁବନେଶ୍ୱର ସ୍ଥିତ ଓଡ଼ିଶା ଫାର୍ମାସି କାଉନସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିଶ୍ୱମୋହନ ପଟ୍ଟନାୟକଙ୍କୁ ଭେଟିଥିବା ବେଳେ ସେ ପୁନର୍ବାର ଲାଞ୍ଚ ଦାବି କରି ଟଙ୍କାକୁ ତାଙ୍କ ସହଯୋଗୀ ଇଜାଜ ଖାନଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଆବେଦନକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ।

ଅଭିଯୋଗ ଆଧାରରେ ଭିଜିଲାନ୍ସ ଅଧିକାରୀ ମାନେ ଯୋଜନାବଦ୍ଧ ଭାବେ ଜାଲ ବିଛାଇ ଉଭୟ ଅଭିଯୁକ୍ତଙ୍କୁ ୯ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ କାବୁ କରିଥିଲେ । ସେମାନଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଫାନ୍ଦ ପରେ ବିଶ୍ୱମୋହନ ପଟ୍ଟନାୟକଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ସମ୍ପର୍କିତ ତଦନ୍ତ ପାଇଁ ଏକକାଳୀନ ଚଢ଼ାଉ ଚାଲିଛି । ଏହି ଘଟଣା

ସାଂସଦ ବୈଜୟନ୍ତ ପଣ୍ଡାଙ୍କ ମଦନପୁର ଗସ୍ତ, ବୃକ୍ଷରୋପଣ ସହ ସ୍ଥାନୀୟ ସମସ୍ୟା ଅନୁଧ୍ୟାନ

ପଟ୍ଟାମୁଣ୍ଡାଇ, ୯।୬ (ଆନିସ): କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ସାଂସଦ ଶ୍ରୀ ପଣ୍ଡା ପରିବେଶ ସୁରକ୍ଷା ବାର୍ତ୍ତା ଦେବାକୁ ଯାଇ ମଦନପୁର ୟୁ କେ ମହାବୀର କଲେଜରେ ବୃକ୍ଷ ରୋପଣ କରିଥିଲେ ସାଂସଦଙ୍କ ସହିତ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା କଲେଜ ଅଧକ୍ଷ ଅରୁଣ ଦାଶ,ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକାର ବେହେରା ଜିଲ୍ଲା ବିଜେପି ଉପସଭାପତି ଆଡ଼ଭୋକେଟ ଭାରତ ଭୂଷଣ ଦାସ, ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ, ସନ୍ତୋଷ ମହାନ୍ତି ସୁଶାନ୍ତ ସାମନ୍ତରାୟ ସୁଶୀଲ ପରିଡା,ପରେଶ ସାହୁ ସମୀର ପ୍ରଧାନ ବାସୁଦେବ ପ୍ରଧାନ, ଆଡ଼ଭୋକେଟ ଶିଶିର ମଲିକ ଅଧ୍ୟାପକ ଶୁଭକାନ୍ତ ନାୟକ, ସାମ୍ବାଦିକ ଭାସ୍କର ରାଉତରାୟ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ରବୀନ୍ଦ୍ର ସେଠୀ ପ୍ରମୁଖ ବହୁ ବିଜେପି ନେତା କର୍ମକର୍ତ୍ତା। ମାନ୍ୟଗଣ୍ୟ ବ୍ୟକ୍ତି ଅଧ୍ୟାପକ କର୍ମଚାରୀ ଓ ସାଧାରଣ ଲୋକମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଏହା ପରେ ଶ୍ରୀପଣ୍ଡା ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକପ୍ରତିନିଧି ଓ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ ରାଜନଗର ଯିବା ବାଟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଏଇ ଅବସରରେ ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥଳ ଓ ଗ୍ରାମାଞ୍ଚଳ ଥାନାରେ ସାଧାରଣ ଲୋକମାନଙ୍କ ସହିତ ସେଲଫି ଉଠାଇ ଥିଲେ।

ସାଂସଦ ଶ୍ରୀପଣ୍ଡା ଦୀର୍ଘ ଦିନ ହେବ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାକ୍ତନ ଅଧକ୍ଷ ବଳରାମ ସିଂଙ୍କୁ ତାଙ୍କ ବାସଭବନ ରେ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ

ସବଡେଗା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼, ୯।୬ (ଆନିସ) : ସବଡେଗା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।ମୋଟ ୬୧ ଗୋଟି ଅଭିଯୋଗ ମଧ୍ୟରୁ ୩୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୪ ଗୋଟି ସାମୁହିକ ଅଭିଯୋଗ ରହିଥିଲା।

ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା।

ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ,ସଦର ଉପ ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନୂତନ ସାମଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

ଅବହେଳାର ଚରମ ସୀମା ପରେ ବି ସୁରକ୍ଷା ବ୍ୟବସ୍ଥା ଶୂନ୍ୟ

ଓଡ଼ିଶା ରାଜ୍ୟବାସୀଙ୍କୁ ସୁକ୍ଷମ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା କମ୍ପାନୀ ବିରୋଧରେ ବିଭିନ୍ନ ସମୟରେ ଅଭିଯୋଗ ହେଉଛି । କେତେବେଳେ ଦୁର୍ବ୍ୟବହାର ତ କେତେବେଳେ ତଣ୍ଟିଚିପା ପରିମାଣର ବିଦ୍ୟୁତ୍ ଦେୟ ଆଦାୟ କରିବା ଏହା ଏକ ସାଧାରଣ ଅଭିଯୋଗରେ ପରିଣତ ହୋଇସାରିଛି । ରାଜସ୍ୱ ଆଦାୟ ଓ କମିଶନୀକୁ ନେଇ ରାଜ୍ୟ ସରକାର କମ୍ପାନୀ ପ୍ରତି ସନ୍ତୋଷ ପ୍ରକାଶ କରିପାରନ୍ତି, ହେଲେ ରକ୍ଷଣାବେକ୍ଷଣ ଏବଂ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଏହି ବିଭାଗର ଖାମଖିଆଲି ମନୋଭାବକୁ ନେଇ ଏବେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି । ପୁରୀ ସହରର ବିଭିନ୍ନ ସାହି ବସ୍ତିର ବିଦ୍ୟୁତ୍ ଖୁଣ୍ଟିକୁ ଦେଖିଲେ ବୁଢିଆଣୀ ଜାଲର ଅଳିନ୍ଦକୁ ମଧ୍ୟ ମାତ୍ ଦେଇଦେବ । ଲୋକଙ୍କ ଘରକୁ ଯାଇଥିବା ତାର ଗୁଡ଼ିକ ଖୁଣ୍ଟରେ ବିପଦ ସଙ୍କୁଳ ଅବସ୍ଥାର ଗୁଡେଇ ରହିବା ଓ ମାଙ୍କଡ଼ ପଲ୍ଲଙ୍କ ଦୋହଲ ଦୃଶ୍ୟ ସର୍ବଦା ଏକ ବଡ଼ ଧରଣର ବିପଦର ଆଶଙ୍କା ସୃଷ୍ଟି କରି ଆସୁଛି । ଆଜିର ଏହି ଅଦିନିଆ ବାଣ ଫୁଟିବା ଦୃଶ୍ୟ ପୁରୀ ସହରର ୨୬ ନମ୍ବର ୱାର୍ଡରେ ଦେଖିବାକୁ ମିଳିଥିଲା। ପର୍ଯ୍ୟଟକ ବହୁଳ ପୁରୀ ସହରର ସମସ୍ତ ସାହି ବସ୍ତିରେ ପ୍ରାୟତଃ ପର୍ଯ୍ୟଟକଙ୍କ ଚଳପ୍ରଚଳ ଲାଗି ରହିଥାଏ ।

ବିଦ୍ୟୁତ୍ ବିସ୍ଫୋରଣର ଏଭଳି ଦୃଶ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସାଧାରଣ ଘଟଣା ହୋଇପାରେ । ମୁଣ୍ଡ ଉପରେ ବିଦ୍ୟୁତ୍ ତାର ଜଳୁଥିବ ଓ ତଳେ ଚାଲିଚାଲି ଯାଉଥିବା ପର୍ଯ୍ୟଟକଙ୍କ ସହ ସାଧାରଣ ଲୋକଙ୍କ ପାଇଁ କି ସୁରକ୍ଷା ବ୍ୟବସ୍ଥା ରହିଛି ତାହା ଏବେ ବି ଅସ୍ପଷ୍ଟ । ଏବେ ଦେଖିବାକୁ ଅପେକ୍ଷା ସହରରେ ବୁଢିଆଣୀ ଜାଲ ସଦୃଶ୍ୟ ବିପଦ ସଙ୍କୁଳ ଅବସ୍ଥାରେ ଥିବା ସମସ୍ତ ବିଦ୍ୟୁତ ତାର ଗୁଡ଼ିକୁ ବିଭାଗ ସଜାଡିବ କେବେ

ଯୁବକଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ସମ୍ରାଟ ଜେନା ମେଘାଳୟ ଯୁବ ପ୍ରଭାରୀ

ପଟ୍ଟାମୁଣ୍ଡାଇ,୯।୬ (ଆନିସ): ଓଡ଼ିଶାର ଅନ୍ୟତମ ରାଜନୈତିକ ପେଣ୍ଠ ସ୍ଥଳୀ ପଟ୍ଟାମୁଣ୍ଡାଇ ଅଂଚଳର ଜଣେ ଯୁବନେତା ଜାତୀୟ ଯୁବ କଂଗ୍ରେସ ସମ୍ପାଦକ ଭାବେ ମେଘାଳୟ ପ୍ରଦେଶ ଯୁବକଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି ପଟ୍ଟାମୁଣ୍ଡାଇ କଲେଜରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ସମ୍ରାଟ କେଶରୀ ଜେନା ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ସମ୍ପ୍ରତି ସେ ପଟ୍ଟାମୁଣ୍ଡାଇ ପୌର ପରିଷଦର କାଉନସିଲର ଭାବେ ଜନ ସେବା ରେ ନିୟୋଜିତ ସମ୍ପ୍ରତି ଶ୍ରୀ ଜେନାଙ୍କୁ ବିହାର ସହିତ ମେଘାଳୟ ପ୍ରଦେଶ ଯୁବ କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ଶ୍ରୀଜେନା ରାଜସ୍ଥାନ, ଛତିଶଗଡ଼ ଭଳି ବିଭିନ୍ନ ରାଜ୍ୟରେ ଯୁବ କଂଗ୍ରେସ ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ନିଜର ସାଙ୍ଗଠନିକ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତାଙ୍କର ନୂତନ ନିଯୁକ୍ତି ପାଇଁ ଶ୍ରୀଜେନା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ,ଅଖିଳ ଭାରତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ,ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଉଦୟ ଭାନୁ ଚିବ୍ ଏବଂ ରାଷ୍ଟ୍ରୀୟ ପ୍ରଭାରୀ ମନୀଷ ଶର୍ମାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଏଥି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି

ରଥଯାତ୍ରାରେ ଏଲଇଡି ଟିଭି ବ୍ୟବସ୍ଥା ପାଇଁ ଭୂମି ପୂଜନ

ପୁରୀ, ୯। ୬(ଆନିସ): ଚଳିତ ରଥଯାତ୍ରା ରେ ଶ୍ରଦ୍ଧାଳୁ ଓ ଯାତ୍ରୀ

ମାନଙ୍କ ସୁବିଧା ପାଇଁ ସରକାରଙ୍କ ସୂଚନା ଓ ଲାଗି ସମ୍ପର୍କ ବିଭାଗ ପକ୍ଷରୁ ବଡଦାଣ୍ଡ ସହ ଜିଲ୍ଲା ଓ ଜିଲ୍ଲା ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଲଇଡି ଟିଭି ର ବ୍ୟବସ୍ଥା କରାଯାଉଛି।ଲାଗିବାକୁ ଥିବା ୬୫ ଗୋଟି ଏଲ ଇ ଡି ଟିଭି ଦାୟିତ୍ୱ ନେଇଥିବା ଓଟିମୋ ଭିକ୍ୟୁଆଲସ ସଂସ୍ଥା ସ୍ଥାପନ ସହ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ।ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ଦ୍ୱାର କୌଶଲ୍ୟା ଦାସ ମଠ ନିକଟରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଭୂମି ପୂଜନ କରିଥିଲେ।କାର୍ଯ୍ୟକ୍ରମ ରେ କୌଶଲ୍ୟା ଦାସ ମଠ ମହନ୍ତ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଟିମୋ ଭିକ୍ୟୁଆଲସ ର ମୁଖ୍ୟ ବି କେ ସ୍ୱାଇଁ,କୋର୍ଡିନେସର ମ୍ୟାନେଜର ସୁଶୀଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

ରାସ୍ତା ଦାବିରେ ଏକାଠି ହେଲେ ୩ ଗ୍ରାମର ଲୋକ, ବିକାଶ ପାଇଁ ଉଠିଲା ସ୍ୱର

ବରଗଡ଼, ୯।୬ (ଆନିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ବୁଢ଼ାମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭେଲୁଆଁପଦର ଗ୍ରାମର ୱାର୍ଡ ସଭ୍ୟ ସହଦେବ ସାହୁଙ୍କ ନେତୃତ୍ୱରେ ଆଜି ଭେଲୁଆଁପଦର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଉକ୍ତ ବୈଠକରେ ଜମରତଲା। ଗ୍ରାମପଞ୍ଚାୟତ ସରପଞ୍ଚ ବିଦୁ ଭୂଷଣ ଚାନ୍ଦ,ପୂର୍ବତନ ସରପଞ୍ଚ ସୁରେଶ ଚାନ୍ଦ,ସମାଜସେବୀ ବାବୁଲାଲ ଚାନ୍ଦ,ଅଶୋକ ସେଠ,ସୁଶାନ୍ତ ପଣ୍ଡା, ଗର୍ଭନାଖୋଲ ଗୌନ୍ତିଆ ପ୍ରମୋଦ ଚାନ୍ଦ, ଡଙ୍ଗରମୁଣ୍ଡା ଗୌନ୍ତିଆ ଦେବରାଜ ବେହେରା,ନନ୍ଦଲାଲ ସାହୁ,ଦିଲ୍ଲୀପ ବେହେରା,ସୁରେନ୍ଦ୍ର ଛତ୍ରିଆ,ଜଗତ ସାହୁ,ରମେଶ ସାହୁ, ଭୋଜରାଜ ପ୍ରଧାନ,ଯୁଗଳ ଭୁଏ ପ୍ରମୁଖ ଯୋଗ ଦେଇଥିବ। ବେଳେ ଭେଲୁଆଁପଦର,ବେହେରାଟାଳ ଓ ଡଙ୍ଗରମୁଣ୍ଡା ଗ୍ରାମର ଅନେକ ସଚେତନ ନାଗରିକ ଉପସ୍ଥିତ ଥିଲେ । ତେବେ ଦୀର୍ଘ ଦିନ ଧରି ରାସ୍ତା ସମସ୍ୟାରେ ଜର୍ଜରିତ ତିନୋଟି ଗ୍ରାମର ବାସିନ୍ଦା ଶେଷରେ ଏକାଠି ହୋଇ ନିଜ ଦାବିକୁ ଜୋରଦାର କରିଛନ୍ତି। ବର୍ଷା ଦିନରେ କାଦୁଅ ଓ ଖାଲ ଖମାରେ ଭର୍ତ୍ତି ରାସ୍ତା ଯୋଗୁଁ ଯାତାୟତ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦୈନନ୍ଦିନ ଜୀବନ ବ୍ୟାହତ ହେଉଥିବାରୁ ଗ୍ରାମବାସୀମାନେ ପକ୍କା ରାସ୍ତା ନିର୍ମାଣ ପାଇଁ ଏକତ୍ରିତ ହୋଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ରାସ୍ତାଟି କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଏହା ଅଞ୍ଚଳର ବିକାଶର ମୂଳ ଭିତ୍ତି। ତେଣୁ ଯଥାଶୀଘ୍ର ରାସ୍ତା ନିର୍ମାଣ କରାଯିବାକୁ ସେମାନେ ଜନପ୍ରତିନିଧିଙ୍କ ନିକଟରେ ଦାବି ଜଣାଇଛନ୍ତି। ଡଙ୍ଗରମୁଣ୍ଡା ଠାରୁ ଭେଲୁଆଁପଦର,ବେହେରାଟାଳ ଠାରୁ ଭେଲୁଆପଦର ଗ୍ରାମକୁ ନୂତନ ରାସ୍ତା ସଂଯୋଗ କରିବା ପାଇଁ ଆଗାମୀ ଦିନରେ ଏହି ତିନୋଟି ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନର ଦୃଷ୍ଟିଗୋଚର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ''ରାସ୍ତା ନାହିଁ ତ ବିକାଶ ନାହିଁ'' ସ୍ଲୋଗାନ ସହ ତିନି ଗ୍ରାମର ଲୋକଙ୍କ ଏହି ଏକତା ଅଞ୍ଚଳର ବିକାଶ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛି। ପରିଶେଷରେ ସଫେତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅନୁକୂଳ ପୂଜା ସହ ତିନିରଥ ଦଣ୍ଡାରେ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ

ପୁରୀ, ୯।୬(ଆନିସ): ଶେଷ ହୋଇଛି ତିନିରଥ ଦାଣ୍ଡରେ ଆଗ ଆଣି , ପଛ ଆଣି ଗରଗାରା ପଡ଼ି କଣ୍ଟା ବାଡ଼ିଆ କାର୍ଯ୍ୟ ଅନୁକୂଳ ପୂଜା ପୂର୍ବକ ତିନିରଥର ମୁଖ୍ୟ ଓଝା କମାର ସେବକ, ମୁଖ୍ୟ ମହାରଣା ଏବଂ ମୁଖ୍ୟ ଭୋଇ ସେବକଙ୍କ ଉପସ୍ଥିତିରେ ତିନିରଥ ଅଖ ଉପରେ ଦଣ୍ଡା ଫ୍ରେମ୍ ମଜବୁତ୍ ପାଇଁ କଣ୍ଟା ବାଡ଼ିଆ କାର୍ଯ୍ୟ ଓଝା କମାର ସେବକ ମାନେ ଶେଷ କରିଛନ୍ତି। ତାଳଧ୍ୱଜ ରଥ ଦଣ୍ଡା ଗୁଡିକରେ ୭୪ ଗୋଟି, ଦର୍ପଦଳନ ରଥ ଦଣ୍ଡା ଗୁଡିକରେ ୫୮ ଟି ଏବଂ ନନ୍ଦିଘୋଷ ରଥର ଦଣ୍ଡା ଗୁଡିକରେ ୮୮ ଗୋଟି ଘଡିମୁହଁ ଅଗ ପାତେଳି, ଚଉରସ ବା ଦଣ୍ଡା ବିଡିଆ ବା ପୋଖରିଆ କଣ୍ଟା ବାଡ଼ିଆ ଯାଇଅଛି। ତିନିରଥର ଦଣ୍ଡା ଫ୍ରେମ୍ ରେ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହେବାପରେ, ଅପରାହ୍ନରେ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ଭୋଇ ସର୍ଦ୍ଦାର ରବି ଭୋଇ ଙ୍କ ତତ୍ତ୍ୱାବଧାନରେ ଭୋଇ ସେବକ ମାନେ ତିନିରଥର ପାଞ୍ଚ ଦଣ୍ଡା ଉପରକୁ ଦୁଇଟି ଲେଖାଏଁ ଗରଗରା ଉଠିବା ପରେ ତିନିରଥର ମହାରଣା ସେବକ ମାନେ ମାପ ପ୍ରକାରେ ଗରଗରା ପଛ ଭାଗକୁ ଅର୍ଦ୍ଧ ଚନ୍ଦ୍ରକାର କାପ ଖୋଦେଇ ସହ ଅଗର ବିନ୍ଧ କଲା ପରେ ତିନିରଥର ଓଝା କମାର ସେବକ ମାନେ ଗରଗରାରେ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିସହ ଶେଷ ହୋଇଛି ତିନି ରଥର ୩୨ ଗୋଟି ଗୟଳ ର ଚଉପଟ ନିର୍ମାଣ କାର୍ଯ୍ୟ।

ରୂପକାର ସେବକ ମାନେ ତିନିରଥର ବେଦୀ ସିଂହାସନ ମୁହାଁଟି ରେ ଚିତ୍ର ଖୋଦେଇ ସହ ତିନିରଥର ୮ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ପାଇଁ ଚିତ୍ର ଅଙ୍କନ ସହ ଚିତ୍ର ଅଙ୍କନ ଶେଷ ହୋଇଥିବା ନାଟଗୋଡ଼ ଗୁଡିକରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି। ପାହି ମହାରଣା ମାନେ ଅଣସର ଏବଂ ରଥଯାତ୍ରା ରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ କାର୍ଯ୍ୟ ଜାରୀ ରଖିଛନ୍ତି।

ଭେଡେନ ବ୍ଲକ ବରିଷ୍ଠ ନାଗରିକ ସଂଘ ପୁନର୍ଗଠନ

ନୂତନ ସଦସ୍ୟ ମାନଙ୍କୁ ଜିଲ୍ଲା ସଂଘର ଦିଗଦର୍ଶନ

ବରଗଡ଼/ ଭେଡେନ, ୯।୬ (ଆନିସ): ଆଜି ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ସ୍ଥିତ ବିଜୁ କୃଷକ ଭବନ ସମ୍ମିଳନୀ କକ୍ଷରେ ଶ୍ରୀ ପର୍ଶୁରାମ ପାତ୍ରଙ୍କ ଆବାହକତ୍ୱରେ ତଥା ଶ୍ରୀ ଗୋବିନ୍ଦ ଶତପଥୀ ଙ୍କ ସଭାପତିତ୍ୱରେ ନୂତନ ସଦସ୍ୟତା ଗ୍ରହଣ ଓ କର୍ମକର୍ତ୍ତା ପୁନର୍ଗଠନ କରା ଯାଇଥିଲା । ଏଥିରେ ବରଗଡ଼ ଜିଲ୍ଲା ସଭାପତି କେଦାର ମିଶ୍ର ସଭାପତିତ୍ୱ କରିଥିଲେ । ଉପସଭାପତି ନିର୍ମଳ କିଶୋର କର, ସଂପାଦକ ଗୋବିନ୍ଦ ଦାଶ, ସର୍ଦାର ପ୍ରିତମ ସିଂହ, ନାରାୟଣ ନାଏକ ଆଦି ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ର କର୍ତ୍ତବ୍ୟ ଓ ବରିଷ୍ଠ ନାଗରିକ ସଦସ୍ୟତା ରେ କି କି ଉପକାର ମିଳିଥାଏ ସେ ସମ୍ପର୍କରେ ଉପସ୍ଥିତ ନୂତନ ବରିଷ୍ଠ ନାଗରିକ ମାନଙ୍କୁ ବୁଝେଇଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବରଗଡ ରୁ ପ୍ରଶନ୍ନ ପ୍ରଧାନ, ପଞ୍ଚାନନ ପଣ୍ଡା, ଅଚ୍ୟୁତାନନ୍ଦ ବାରିକ,ଦେବୀ ପଟ୍ଟନାୟକ ଓ ତୁଳସୀ ଚରଣ ଦାଶ ଯୋଗ ଦେଇଥିବା ବେଳେ ଭେଡେନ ବ୍ଲକ ବରିଷ୍ଠ ନାଗରିକ ସଂଘରୁ ମାନଭଞ୍ଜନ ପଧାନ, ଗୋପିନାଥ ଚାନ୍ଦ, ବନ୍ଦକର ସାହୁ, ପ୍ରେମାନନ୍ଦ ଭୋଇ,ପ୍ରଶନ୍ନ କର୍ମି, ପ୍ରଶାନ୍ତ ପଣ୍ଡା, ନିରଞ୍ଜନ ପ୍ରଧାନ, ନରେନ୍ଦ୍ର ମହାକୁଡ଼, ଉମାକାନ୍ତ ଭୋଇ, ପ୍ରମୋଦ ଦାଶ, ପ୍ରଶାନ୍ତ କୁମାର ହୋତା, ଗୁରୁକୃଷ୍ଣ ଦାଶ, ଉତ୍ତମ ହୋତା, ଖଗେଶ୍ୱର ପ୍ରଧାନ, ବଳରାମ ସାହୁ, ଗୁରୁଦେବ ତ୍ରିପାଠୀ,କେଶବ ପ୍ରଧାନ, କୈଳାସ ବଘାର, ରକ୍ଷପାଳ ପଧାନ, ତାରା ଚାନ୍ଦ ଭୋଇ, ଅମରକୋଷ ପଧାନ, ମହାଦେବ ଥପା, ଉପେନ୍ଦ୍ର ବଘାର ଆଦି ଯୋଗଦେଇଥିଲେ । ନୂତନ ପରିଚାଳନା କମିଟି ର ପ୍ରମୁଖ ପଦବୀରେ ରେ ନବ ନିର୍ବାଚିତ ସଦସ୍ୟ ହିସାବରେ ଉପଦେଷ୍ଟା ରୂପେ ଶ୍ରୀ ଗୋପିନାଥ ଛନ୍ଦ, ଶ୍ରୀ ତାରା ଚାନ୍ଦ ଭୋଇ, ଶ୍ରୀ ପର୍ଶୁରାମ ପାତ୍ର, ଶ୍ରୀ ଗୁରୁଦେବ ତ୍ରିପାଠୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ର ନୂତନସଭାପତି ରୂପେ ଶ୍ରୀ ଗୋବିନ୍ଦ ଶତପଥୀ, ଉପସଭାପତି ରୂପେ ଉମାକାନ୍ତ ଭୋଇ, ସଂପାଦକ ମାନଭଞ୍ଜନ ପଧାନ, କୋଷାଧ୍ୟକ୍ଷ ରୂପେ ଖଗେଶ୍ୱର ପ୍ରଧାନଙ୍କୁ ମନୋନୀତ କରି ଦାୟିତ୍ୱ ଅର୍ପଣ କରାଯାଇଥିଲା.ପରେ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ଉପଦେଷ୍ଟା ମଣ୍ଡଳୀ ପ୍ରକାଶ କରିଥିଲେ ।

ଶେଷରେ ଉପଦେଷ୍ଟା ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ପଦ୍ମପୁରରେ ନୂତନ ଦୈନିକ ବଜାର ଉଦ୍‌ଘାଟିତ, ବ୍ୟବସାୟୀଙ୍କ ସୁବିଧା ପାଇଁ ନୂଆଁ ପଦକ୍ଷେପ

ପଦ୍ମପୁର,୯।୬ (ଆନିସ): ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ନିର୍ମିତ ଆଧୁନିକ ଦୈନିକ ବଜାର ଆଜିବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯାଇଛି। ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବଜାରର ଉଦ୍‌ଘାଟନ କରିଥିଲେ। ପଦ୍ମପୁର ବିଧାୟିକ

ଯୁବତୀ ନିଖୋଜ ଅଭିଯୋଗ, ଗୁରୁତର ସହିତ ତଦନ୍ତ ଜାରି

ପୋଲସରା,୯।୬ (ଆନିସ): ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଜଣେ ଯୁବତୀ ଙ୍କ ନିଖୋଜ ଅଭିଯୋଗ। ପ୍ରେମ ବ୍ୟାପାରକୁ କୁ ନେଇ ଝିଅକୁ ସେହି ଗ୍ରାମର ଗଣେଶ ପ୍ରଧାନ ଅପହରଣ କରିଥିବା ଝିଅଙ୍କ ବାପା ପୋଲସରା ଥାନାରେ ଅଭିଯୋଗ କରିଛନ୍ତି। ଏତଲା ରୁ ମିଳିଥିବା ସୂଚନା ମୁତାବକ ଚିରିକିପଡା ଶାସନ ଗ୍ରାମ ତଳସାହି ଜଣେ ବ୍ୟକ୍ତିଙ୍କ ଝିଅ ସହ ସେହି ସାହି ର ଗଣେଶ ପ୍ରଧାନ ନାମକ ଜଣେ ବିବାହିତ ଯୁବକ ଏକପାଖିଆ ପ୍ରେମ କରି ଜୋରଜବରଦସ୍ତ ଝିଅ ସହ କଥା ହେଉଥିବା ନେଇ ଗଣେଶ କୁ ଝିଅ ସହ କଥା ନହେବାପାଇଁ ଝିଅଙ୍କ ବାପା ତାଗିଦ କରିଥିଲେ। କିନ୍ତୁ ଉକ୍ତ ଯୁବକ ଜଣଙ୍କ ଏକଥା କୁ ନେଇ ଯୁବତୀଙ୍କୁ ସେ ଛାଡ଼ିବେନି ବରଂ ଆମ ଭିତରେ ଯଦି କେହି ବାଧା ଦେବେ ତାହେଲେ ସେ ଯୁବତୀଙ୍କୁ ଉଠାଇ ନେଇଯିବେ ବୋଲି ଗତ ମାର୍ଚ୍ଚ ମାସ ୧୭ ତାରିଖରେ ଧମକ ଦେଇଥିଲେ। ଏବଂ ତା ପରଦିନ ଅର୍ଥାତ ୧୮ ମାର୍ଚ୍ଚ ୨୦୨୬ ରେ ଗଣେଶ ଉକ୍ତ ଯୁବତୀକୁ ଅପହରଣ କରି ନେଇଥିବା ପୋଲସରା ଥାନାରେ ବାପା ଅଭିଯୋଗ କରିଥିଲେ। କିନ୍ତୁ ଘଟଣା ଭିନମୋଡ ନେଇ ମେ ମାସ ୨୭ ତାରିଖରେ ହଠାତ ଯୁବତୀ ଗ୍ରାମରେ ପହଂଚିଥିଲା ଏବଂ ଗୋଟି ଗୋଟି କରି ସବୁ ଘଟଣା କହିଥିଲା। ପାଖାପାଖି ଦେଢ଼ ବର୍ଷ ହେବ ଗଣେଶ ତାକୁ ଏକତରଫ ଭଲପାଇବା ଏବଂ ପରେ ଘରେ କେହି ନଥିବା ସମୟରେ ବଳପୂର୍ବକ ଉଠାଇ ନେଇ ଭୁବନେଶ୍ୱର ର ଏକ ରୁଟି କମ୍ପାନୀ ରେ ନିୟୋଜିତ କରିଥିଲା। କିଛିଦିନ ଉଭୟ ରହିବା ପରେ ସେ ମତେ ନିର୍ଯାତନା ଦେବା ସହ ପ୍ରତ୍ୟକ ଦିନ ବାଡ଼ ମାର କରିବା ସହ ଅକଥନୀୟ ଯନ୍ତ୍ରଣା ଦେଉଥିଲା ଏବଂ ଗତ ମାସ ୨୮ ତାରିଖରେ ସେ ମତେ ଏକୁଟିଆ ଛାଡି କେଉଁଆଡେ ଚାଲିଯାଇଥିଲା। ବହୁତ ଖୋଜିବା ଏବଂ ଫୋନ କରିବା ପରେ ମଧ୍ୟ କୌଣସି ଯୋଗାଯୋଗ ହେଇପାରିନଥିଲା। ଯାହାଫଳରେ ସେ ବାଧ୍ୟ ହୋଇ ଅନ୍ୟ ସହାୟତା ରେ ପୋଲସରା ପରେ ନିଜ ଗାଁ ରେ ପଂହଁଚିଥିବା ଘଟଣା ପୋଲସରା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଘଟଣା ଏତିକିରେ ସରିନି ଯୁବତୀ ଜଣଙ୍କ ନିଜ ଘରେ ପଂହଁଚିବା ପରେ ବାପା ତାକୁ ଘରେ ନ ରଖି କେନ୍ଦୁବାଡି ନିଜ ସମ୍ପର୍କୀୟଙ୍କ ଘରେ ଛାଡ଼ିଦେଇ ଆସିଥିଲେ। କିନ୍ତୁ ସେ ପୁଣି ସେଠାରୁ ନିଖୋଜ ଥିବା ସମ୍ପର୍କୀୟ ଖବର ଦେବା ପରେ ଯୁବତୀଙ୍କ ବାପା ପୁଣିଥରେ ରବିବାର ପୋଲସରା ଥାନାରେ ଝିଅ ନିଖୋଜ ଥିବା ଲିଖିତ ଅଭିଯୋଗ କରିଛନ୍ତି। ଏବଂ ପ୍ରଥମେ ଦେଇଥିବା ଅଭିଯୋଗ କୁ ପୁଲିସ ଗୁରୁତ୍ୱ ଦେଇନଥିବା ଯୋଗୁଁ ତାଙ୍କ ଝିଅ ସହ ବାରମ୍ବାର ଏଭଳି ଘଟଣା ଘଟିବା ଏବଂ ସେ ଏବଂ ତାଙ୍କ ପରିବାର ବଦନାମ ମୁଣ୍ଡାଇ ଚାପଗ୍ରସ୍ତ ରେ ଥିବା ଅଭିଯୋଗ କରିଛନ୍ତି। ଏବଂ ଝିଅ କୁ ଯେମିତି ମଧ୍ୟ ଖୋଜି ଆଣିବା ପାଇଁ ଅନୁରୋଧ କରିଛନ୍ତି। ଏନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀଙ୍କ ସହ ଯୋଗାଯୋଗ ବେଳେ ଘଟଣାର ତଦନ୍ତ ଚାଲିଛି। ଏବଂ ଅଭିଯୋଗ କୁ ଗୁରୁତ୍ୱର ଭାବେ ନିଆଯିବା ସହ ଉଭୟ ଙ୍କ ନମ୍ବର କୁ ଟ୍ରାକିଙ୍ଗ କରାଯାଇ ସିଡିଆର ରିପୋର୍ଟ ମଗାଯାଇଛି ଯେହେତୁ ରବିବାର ଥିଲା ରିପୋର୍ଟ ଆସି ପାରିନଥିଲା। ସିଡିଆର ରିପୋର୍ଟ ହସ୍ତଗତ ପରେ ନିଖୋଜ ଥିବା ଯୁବତୀ ଙ୍କ ବିଷୟରେ ଅଧିକ ଜଣାପଡିବା ଏବଂ ନିଖୋଜ ଥିବା ଯୁବତୀଙ୍କୁ ଉଦ୍ଧାର ପାଇଁ ପୁଲିସ ଉଚିତ ପଦକ୍ଷେପ ଗ୍ରହଣ କରିଥିବା ଶ୍ରୀ ମାଝୀ ସୂଚନା ଦେଉଛନ୍ତି।

ଲୋକଙ୍କ ଅଭିଯୋଗ ଶୁଣିଲେ ସରପଞ୍ଚ ଓ ପ୍ରଶାସନ

ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କଲେ ବିଡିଓ

କୁକୁଡାଖଣ୍ଡି,୯।୬ (ଆନିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ସୋମବାର ଦିନ ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଆୟୋଜିତ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟ ଜନଅଭିଯୋଗ ଶୁଣାଣୀ ଶିବିର ସୋମବାର ଦିନ କୁକୁଡାଖଣ୍ଡି ବ୍ଲକ ଅଧିନସ୍ଥ ବାଘଲଟି ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମାମି ସାସମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ କୁକୁଡାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ, ତହସିଲଦାର ରାଜକିଶୋର ପଟ୍ଟନାୟକ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିଥିଲେ।ଶିବିରରେ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା, ରାସନ କାର୍ଡ ଓ ଅନ୍ୟାନ୍ୟ ଜନସମସ୍ୟାକୁ ନେଇ ପ୍ରାୟ ୭୦ରୁ ଅଧିକ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ କେତେକ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।ଏହି ଅବସରରେ ବିଡିଓ ପଲ୍ଲବୀ ସ୍ୱାଇଁ ପଞ୍ଚାୟତରେ ଚାଲିଥିବା ଓ ସମ୍ପନ୍ନ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ଏବଂ ସରକାରୀ ଯୋଜନାର ସଠିକ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ଶିବିରକୁ ସରପଞ୍ଚ ପ୍ରତିନିଧି ସୁକାନ୍ତ ସାସମଲ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱର ବେହେରା ସୂଚାରୁ ରୂପେ ପରିଚାଳନା କରିଥିଲେ।ଏପରି ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ସମସ୍ୟାର ସିଧାସଳଖ ସମାଧାନ ହେଉଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ପ୍ରଶାସନର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

ବିଶ୍ୱ ପରିବେଶ ଏବଂ ବିଶ୍ୱ ମହାସାଗର ଦିବସ ପାଳିତ

କୁକୁଡାଖଣ୍ଡି,୯।୬ (ଆନିସ): ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ, କୁକୁଡାଖଣ୍ଡିର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଏବଂ ବିଶ୍ୱ ମହାସାଗର ଦିବସ ଉଦ୍ଯାହର ସହ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମଟି ଦୀପ ପ୍ରଜ୍ୱଳନ ମାଧ୍ୟମରେ ଆରମ୍ଭ ହୋଇଥିଲା। ଦୀପ ପ୍ରଜ୍ୱଳନ ଦ୍ୱାରା ଶାନ୍ତି, ସକାରାତ୍ମକତା ଏବଂ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ର ଶୁଭମ୍ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଏହି ଅବସରରେ ବିଶ୍ୱ ପରିବେଶ ଦିବସ ପ୍ରତିବର୍ଷ ଜୁନ୍ ୫ ତାରିଖ ଏବଂ ବିଶ୍ୱ ମହାସାଗର ଦିବସ ଜୁନ୍ ୮ ତାରିଖରେ ପାଳନ କରାଯାଉଥିବା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦିଆଯାଇଥିଲା। ''ଗଛ ଲଗାଅ, ପରିବେଶ ବଞ୍ଚାଅ'', ''ଜଳ ବଞ୍ଚାଅ, ଜୀବନ ବଞ୍ଚାଅ'', ''ପ୍ଲାଷ୍ଟିକ କମ୍ ବ୍ୟବହାର କର, ପୃଥିବୀକୁ ସୁନ୍ଦର କର'' ଭଳି ସ୍ଲୋଗାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପ୍ରତି ସଚେତନ କରାଯାଇଥିଲା।ଏହି ଅବସରରେ ସମୁଦ୍ର ପୃଷ୍ଠ ଭୂମିର ଏକ ସୁନ୍ଦର ଚିତ୍ରପଟ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. କେ. କ୍ରିଷ୍ଣା ରାଜୁ ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ପରିବେଶ ଏବଂ ମହାସାଗର ସଂରକ୍ଷଣ ବିଷୟରେ ୩ ଦ୍ୱିତୀୟ ବର୍ଷର ଛାତ୍ର ଶୁଭମ୍ ପ୍ରଧାନ ଏବଂ ଶୁଭମ୍ ସାହୁ ନିଜର ଉପସ୍ଥାପନା ମାଧ୍ୟମରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ।ପରେ ୩ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ନିକିତା ଜେନା, ଅମିତ ପାଇକ, ଶୁଭମ୍ ସାହୁ, ଶୁଭମ୍ ପ୍ରଧାନ ଏବଂ ବିଭୁ ପ୍ରସାଦ ସ୍ୱାଇଁଙ୍କ ଦ୍ୱାରା ଏକ ଶିକ୍ଷଣୀୟ ଓ ସଚେତନତାଧର୍ମୀ ନାଟକ ପରିବେଷଣ କରାଯାଇଥିଲା।

ଏହି ନାଟକ ମାଧ୍ୟମରେ ପରିବେଶ ପ୍ରଦୂଷଣ, ପ୍ଲାଷ୍ଟିକ ବ୍ୟବହାର ଏବଂ ସମୁଦ୍ର ପ୍ରଦୂଷଣର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ମହାସାଗର ସୁରକ୍ଷା ସମ୍ପର୍କରେ ମଧ୍ୟ ''ମହାସାଗରକୁ ପ୍ଲାଷ୍ଟିକରୁ ବଞ୍ଚାଅ, ଜୀବଜଗତକୁ ସୁରକ୍ଷା ଦିଅ'', ''ସୁସ୍ଥ ମହାସାଗର, ସୁରକ୍ଷିତ ଭବିଷ୍ୟତ'' ଏବଂ ''ମହାସାଗର ବଞ୍ଚିଲେ, ପୃଥିବୀ ବଞ୍ଚିବ'' ଭଳି ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଶେଷରେ ପରିବେଶ ଓ ମହାସାଗର ସୁରକ୍ଷା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା।

ମିଲ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ, ଅଭିଯୁକ୍ତ ଫେରାର

ବୁଗୁଡା,୯।୬ (ଆନିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଜନୈକ ରାଇସ୍ ମିଲ୍ ମାଲିକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଥିବା ଜଣାଯାଇଛି । ଆକ୍ରମଣରେ ଆହତ ମିଲ୍ ମାଲିକ ଜଣକ ହେଲେ ସତ୍ତୁସୋଲ ଗ୍ରାମର ମହେନ୍ଦ୍ର କୁମାର ଦୋରା ଏବଂ ଆକ୍ରମଣକାରୀ ବାପ ଓ ପୁଅ ଦୁହେଁ ହେଲେ ସୁରେନ୍ଦ୍ର ଖଟେଇ ଓ ହରିଓଁ ଖଟେଇ।ଏ ନେଇ ପୋଲିସ ଥାନାରେ କେସ୍ ନଂ ୨୮୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ମହେନ୍ଦ୍ର ଖାଲି ଟ୍ରକ ଧରି ନିଜ ରାଇସ୍ ମିଲରୁ ଚାଉଳ ଆଣିବା ପାଇଁ ସତ୍ତୁସୋଲ ଗାଁକୁ ଯାଉଥିଲେ। ଗୋଲିଆ ଗାଁ ପଟରୁ ସତ୍ତୁସୋଲ ଗ୍ରାମାଭିମୁଖେ ଯାଇଥିବା ରାସ୍ତାକୁ ମଡାଇ ସୁରେନ୍ଦ୍ରଙ୍କ ସିମେଣ୍ଟ ମିକ୍ସର ମେସିନଟି ରହିଥିଲା । ତାହାକୁ ରାସ୍ତା ଉପରୁ ହଟାଇବାକୁ ନେଇ ମହେନ୍ଦ୍ର ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଗ୍ରାମର କେତେକ ଭଦ୍ରଲୋକ ହସ୍ତକ୍ଷେପ କରିବା ଫଳରେ ରାସ୍ତା ଉପରୁ ମିକ୍ସର ମେସିନ ହଟିଥିଲା ଏବଂ ଟ୍ରକ ସତ୍ତୁସୋଲ ଗାଁକୁ ଯାଇଥିଲା। ସେଠାରୁ କୌଣସି କାମରେ ମହେନ୍ଦ୍ର ଗୋଲିଆ ଗାଁକୁ ଆସୁଥିବା ବେଳେ ବାପ ସୁରେନ୍ଦ୍ର ଓ ପୁଅ ହରିଓଁ ଉଭୟେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ ଏବଂ ମାରି ଦେବାକୁ ଧମକ ଦେଇ କାତି ଧରି ଗୋଡାଇ ଥିଲେ। ଆକ୍ରମଣରେ ମହେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଚିକିତ୍ସା ପାଇଁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଫେରାର ଅଭିଯୁକ୍ତ ବାପପୁଅ ଦୁହିଁଙ୍କୁ ପୋଲିସ ଖୋଜୁଥିବା ଜଣାଯାଇଛି।

ପ୍ରଶାସନିକ ଅବହେଳା ବାରମ୍ବାର ଗୁହାରି ପରେ ବି ମିଳିଲାନି ଭତ୍ତା

ଜୟପୁର,୯।୬ (ଆନିସ): କୋରାପୁଟ ସଦର ମହକୁମା ଅନ୍ତର୍ଗତ ଡୁମୁରିପୁଟ ନିକଟସ୍ଥ ନିଘାମାନିଗୁଡ଼ା ଗ୍ରାମର ବୁଦୁରା ରୁଡ଼ାଇ (୬୩) ବର୍ଷ ବୟସ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ବେଳେ ତାଙ୍କ ପୁଅ କୁଲି ମଜୁରି କରି ପରିବାର ଚଳାଉଛନ୍ତି ଏବଂ ଝିଅମାନେ ବିବାହ ପରେ ଅନ୍ୟତ୍ର ରହୁଛନ୍ତି। ବୁଦୁରା ରୁଡ଼ାଇ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ସ୍ଥାନୀୟ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ ଆବେଦନ ଉପରେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେ ଶେଷରେ ନିରାଶ ହୋଇପଡ଼ିଥିବା ଜଣାପଡ଼ିଛି। ସରକାର ବୃଦ୍ଧ ଓ ବୃଦ୍ଧାମାନଙ୍କ ସାମାଜିକ ସୁରକ୍ଷା ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେଉଥିବା ବେଳେ କେତେକ ସରକାରୀ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତାର ଅଭାବ ଯୋଗୁଁ ଯୋଗ୍ୟ ହିତାଧିକାରୀମାନେ ଏହି ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ବୁଦୁରା ରୁଡ଼ାଇଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

ମୋଟାବାଡି ଠାରୁ କୁଞ୍ଜବନ, ଗୌଡିଆ ବୋରଡା ରାସ୍ତା

ନିମ୍ନ ମାନର ପିଚୁ କାମ ପାଇଁ ଜନ ଅସନ୍ତୋଷ

ବୁଗୁଡ଼ା, ୯।୬ (ଆନିସ): ଗମନା ଗମନର ସୁବିଧା ପାଇଁ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ କରାଯାଇଥାଏ, ସରକାର କୋଟି କୋଟି ଟଙ୍କାର ରାଜସ୍ୱ ବ୍ୟୟ ବରାଦ କରିଥାନ୍ତି।ହେଲେ ସରକାର କା ମାଲ ଦରିଆ ମେ ଡାଲ୍ ନୀତିରେ କେଉଁଠି ପ୍ରଶାସନ ତ ଆଉ କେଉଁଠି ଠିକାଦାରଙ୍କ ଲାଭ ଖୋର ମନୋଭାବ ଯୋଗୁଁ କଚା ରାସ୍ତା ନିର୍ମାଣ କରାଯାଉଛି, ପିଚୁ ପଡ଼ିବାର ଦୁଇ ସପ୍ତାହ ହୋଇନି ହାତ ମାରିଲେ ରାସ୍ତାରୁ ଉଠି ଯାଉଛି ପିଚୁ ଯଦ୍ୱାରା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଜନତା, ରାସ୍ତା ନିର୍ମାଣ ଅବସ୍ଥାରେ ଯଦି ହାତ କି ଗୋଡ଼ ମାରିଲେ ପିଚୁ ଉଠି ଯାଉଛି ଯାହା ଫଳରେ ଲୋକେ ହନ୍ତସନ୍ତ ହେବାର ସମ୍ଭାବନା ଅଧିକ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି, ଗ୍ରାମ୍ୟ ନିର୍ମାଣ ବିଭାଗ ଓଡ଼ଶା ସରକାର ପ୍ରକଳ୍ପ ଅନୁଦାନ ପ୍ରାପ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାର ଙ୍କ ଦ୍ୱାରା ସୂଚନା ଫଳକ ଅନୁଯାୟୀ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଡା ସୀମା ଠାରୁ ଭାୟା ମୋଟାବାଡି, କୁଞ୍ଜବନ, ଗୌଡିଆ ବରୋଦା, ଗାନ୍ଧୀନଗର ସମୁଦାୟ ରାସ୍ତା ୫,୩୭୭ କିମି ଏହି ରାସ୍ତା କାମ ଚାଲିଥିବା ବେଳେ ନିମ୍ନ ମାନର ପିଚୁ କାମ ସହ ବହୁ ପତଳାରେ ପିଚୁ ପକାଯାଉଥିବା ଦେଖିବାକୁ ମିଳୁଛି, ଠିକା ସଂସ୍ଥା ଓ ବିଭଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଳିଛି ରାସ୍ତା ନିର୍ମାଣ,କାର୍ଯ୍ୟର ତଦାରଖ କରିବା ପାଇଁ କୌଣସି ଯନ୍ତ୍ରୀ କିମ୍ବା ପ୍ରଶାସନ ସ୍ତରରେ ଦେଖା ମିଳୁନାହିଁ। ଏହି ରାସ୍ତା ନିର୍ମାଣ କୁ ନେଇ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି ଯଦି ଆଗାମୀ ଦିନରେ ଏହି ରାସ୍ତା କାମ ଉନ୍ନତ ମାନର ନ ହୁଏ ପରବର୍ତ୍ତୀ ସମୟରେ ଅଞ୍ଚଳବାସୀ ରାସ୍ତା ଅବରୋଧ ସହ ଜନ ଆନ୍ଦୋଳନ କରିବା ଚର୍ଚ୍ଚା ଜୋର ଧରିଛି।

ଜୟପୁର ଉପଖଣ୍ଡରେ ସାର୍ବଜନୀନ ସ୍ଥାନରେ ମଦ୍ୟପାନ ନିଷେଧ

ଜୟପୁର,୯।୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସାର୍ବଜନୀନ ସ୍ଥାନରେ ବଢୁଥିବା ମଦ୍ୟପାନ ଜନିତ ଉପଦ୍ରବ, ଆଇନଶୃଙ୍ଖଳା ସମସ୍ୟା ଓ ସାର୍ବଜନୀନ ଶାନ୍ତି ଭଙ୍ଗ ଆଶଙ୍କାକୁ ଦୃଷ୍ଟିରେ ରଖି ଉପ-କଲେକ୍ଟର ଏବଂ ଉପ-ବିଭାଗୀୟ ମାଜିଷ୍ଟ୍ରେଟ୍ ଯଦୁମଣି ନାୟକ ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଏନଏସଏସ, ୨୦୨୩ ର ଧାରା ୧୬୩ ଅନୁଯାୟୀ ଏକ ନିଷେଧାଦେଶ ଜାରି କରିଛନ୍ତି। ଗତ ୨୯ ମଇ ତାରିଖରେ ଜାରି ହୋଇଥିବା ଆଦେଶ ଅନୁସାରେ ଜୟପୁର ଉପଖଣ୍ଡର ମୁଖ୍ୟ ବଜାର, ବସ୍? ଷ୍ଟାଣ୍ଡ, ସାର୍ବଜନୀନ ପାର୍କ, ଖେଳ ପଡ଼ିଆ, ସ୍କୁଲ, କଲେଜ, ଛାତ୍ରାବାସ, ହସ୍ପିଟାଲ, ସରକାରୀ କାର୍ଯ୍ୟାଳୟ ପରିସର, ଧାର୍ମିକ ସ୍ଥାନ, ରାସ୍ତାଘାଟ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସାର୍ବଜନୀନ ସ୍ଥାନକୁ ମଦ୍ୟପାନ ନିଷେଧ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହି ଆଦେଶ ଅନୁଯାୟୀ ଉକ୍ତ ସ୍ଥାନଗୁଡ଼ିକରେ ମଦ୍ୟପାନ କରିବା, ମଦ୍ୟପାନ କରି ଉପଦ୍ରବ ସୃଷ୍ଟି କରିବା କିମ୍ବା ଗୋଷ୍ଠୀ ଆକାରରେ ଏକତ୍ରିତ ହୋଇ ସାର୍ବଜନୀନ ମଦ୍ୟପାନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିବ। ଆଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଶାସନର ଏହି ପଦକ୍ଷେପ ଦ୍ୱାରା ସାର୍ବଜନୀନ ଶାନ୍ତି, ସୁରକ୍ଷା ଏବଂ ଆଇନଶୃଙ୍ଖଳା ବଜାୟ ରଖିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଯୁବକଙ୍କୁ ଛୁରୀମାଡ଼ ଘଟଣା:ମୁଖ୍ୟ ଅଭିଯୁକ୍ତ ଗିରଫ

ଜୟପୁର,୯।୬ (ଆନିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବଡ଼ଶଙ୍ଖା ଗ୍ରାମର ଯୁବକ ବିଟୁ ପ୍ରେପେକାଙ୍କୁ ଶନିବାର ଦିନ ଲକ୍ଷ୍ମୀପୁର ସଦର ଅଞ୍ଚଳରେ ଛୁରୀ ଭୁସି ଗୁରୁତର ଆହତ କରାଯାଇଥିବା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଲିପୁନ ଯାନୀଙ୍କୁ ଗିରଫ କରିଛି।ଘଟଣା ପରେ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ରବିବାର ବଡ଼ଶଙ୍ଖା ଗ୍ରାମବାସୀ ମାନେ ବିକ୍ଷୋଭ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

ଓଡ଼ିଆ ଭାଗବତ କେବଳ ଧର୍ମ ଗ୍ରନ୍ଥ ନୁହଁ, ଏହା ଅଲୌକିକ ଧାରା

ଭାଗବତ ପଦାବଳୀ ଆବୃତ୍ତି କରି ଓଡ଼ିଆ ଜାତିର ପ୍ରାଣସତ୍ତା ତୃପ୍ତ ହୋଇଉଠେ । ଭାଗବତ (ସଂସ୍କୃତ) ଐକାନ୍ତିକ ଶୁଦ୍ଧାଭକ୍ତି ଧର୍ମର ଶାସ୍ତ୍ର ହୋଇଥିଲେ ହେଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଶୁଦ୍ଧ ଭକ୍ତିଭାବ ପରିବର୍ତ୍ତେ ଜ୍ଞାନମିଶ୍ର ଭକ୍ତିଧର୍ମ ଓ ଶୂନ୍ୟ ସାଧନା ପ୍ରବର୍ତ୍ତିତ ହୋଇଅଛି । ଏହା ମୂଳ ଭାଗବତ ସମର୍ଥିତ ନୁହେଁ । ଏହା ନବାକ୍ଷରୀ ଛନ୍ଦ ବା ଗୁଜ୍ଜରୀ ଛନ୍ଦରେ ଲିଖିତ । ଅଲୌକିକ ସାଧନା ବା ସିଦ୍ଧିସମ୍ପନ୍ନ ଅତିବଡ଼ି ରୂପେ ନୁହେଁ, ନୈସର୍ଗିକ କବିତ୍ୱର ଅଧିକାରୀ, ଓଡ଼ିଆ ଜନଜୀବନର ଅଗ୍ରପୂଜ୍ୟ ହିଁ ଜଗନ୍ନାଥ ଦାସ । ଓଡ଼ିଶାର ବେଦ ହିଁ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ । ଓଡ଼ିଶାର ଆଧ୍ୟାତ୍ମିକ ଜାଗରଣ, ସାଂସ୍କୃତିକ ବିକାଶ, ପାରସ୍ପରିକ ସଦ୍ଭାବ ପ୍ରତିଷ୍ଠା, ଶୃଙ୍ଖଳିତ ସମାଜ ଗଠନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଗ୍ରାମ୍ୟ ଏକତା, ଭେଦାଭେଦ ନିରୋଧ, ଚାରିତ୍ରିକ ଶିକ୍ଷା, ପାରିବାରିକ ଏକତ୍ୱ ଏବଂ ସର୍ବୋପରି ଓଡିଆଙ୍କ ଅଭ୍ୟୁଦୟ ହିଁ ଜଗନ୍ନାଥ ଦାସ କୃତ ଭାଗବତ ! ଏବଂ ସେଇଥିପାଇଁ –''ସକଳ ଶାସ୍ତ୍ର ଭାଗବତ । ଅଭ୍ୟାସ କରୁଥିବ ନିତ୍ୟ ।।'' ଜଗନ୍ନାଥ ଦାସ କୃତ ଭାଗବତ ସତେ ଯେମିତି ଆମର ଲୋକସାହିତ୍ୟ ! ଏହାର ବହୁ ପଦ, ସଦୁକ୍ତି ବା ସୁଭାଷିତ ରୂପେ ଓଡ଼ିଶାର ଜନମାନସରେ ଦୈନନ୍ଦିନ ଜୀବନରେ ଉଚ୍ଚାରିତ ହୋଇଥାଏ, ଯଥା– ଆତ୍ମା କୌଶଳେ ସର୍ବସିଦ୍ଧି । ତରଇ ସଂସାର ଜଳଧି ।। ଭାଗବତ ଶବ୍ଦର ଅର୍ଥ ହେଲା ଭାର ଅର୍ଥ ଭାବ, ଗର ଅର୍ଥ ଜ୍ଞାନ ବ ର ଅର୍ଥ ବୌରାଗ୍ୟ ଏବଂ ତର ଅର୍ଥ ତତ୍ତ୍ୱ କିନ୍ତୁ ବ୍ୟାକରଣ ସୂତ୍ରାନୁସାରେ ଭାଗବତ କୃତଂ ଭାଗବତମ୍, ଅର୍ଥାତ୍ ଯାହା ଭଗବାନଙ୍କ କୃତ ତାହାହିଁ ଭାଗବତ। ଏହି ଭାଗବତରେ ଭଗବାନଙ୍କ କିର୍ତ୍ତୀ ଏବଂ ମାହାତ୍ମ୍ୟ ବର୍ଣ୍ଣିତ।ଷୋଡଶ ଶତାବ୍ଦୀରେ ଯେଉଁ ମହାମନିଷୀମାନେ ଶ୍ରୀମଦ ଭାଗବତକୁ ଆଧାରକରି ପ୍ରାନ୍ତୀୟ ଭାଷାରେ ନିଜନିଜ ଭକ୍ତିପୂର୍ଣ୍ଣ କୃତିସମୂହ ଦ୍ୱାରା ସମାଜରେ ଭକ୍ତିଧାରା ସୃଷ୍ଟି କରିବାରେ ମହାନ କାର୍ଯ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡିଶାର ମାହାନ ସନ୍ଥ ଅତିବଡୀ ଜଗନ୍ନାଥ ଦାସ ଅନ୍ୟତମ। ତାଙ୍କ ପ୍ରଣୀତ ଓଡିଆ ଭାଗବତ ଉତ୍କଳୀୟ ଜନଜୀବନ ଓ ଉତ୍କଳୀୟ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ ପାଲଟି ଯାଇଛି ।

ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି । ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି । ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି । ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ । ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋତ୍କଷ୍ଟ ପରିଣତି ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୌରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ । ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ। ଦିନେ ବ୍ୟାସଦେବ ଅନ୍ୟମନସ୍କ ଭାବରେ ବସିଥିଲେ। ତାଙ୍କ ପାଖରେ ପହଞ୍ଚିଥିଲେ ନାରଦ ମୁନି। ନାରଦ ମୁନି ବ୍ୟାସଦେବଙ୍କ ମୁହଁକୁ ଦେଖି ପଚାରିଥିଲେ ତୁମ ମୁହଁ ଦେଖିଲେ ମନେ ହେଉଛି ତୁମେ ଦୁଖରେ ଅଛ ? ତୁମ ଭଳି ମହାନ ଜ୍ଞାନି, ଗୁଣୀ, ପଣ୍ଡିତ, ଋଷିବରଙ୍କର ପୁଣି ମନଦୁଖ କାହିଁକି ? ବେଦ, ପୁରାଣ ମହାଭାରତ ଭଳି ମହାନ ଗ୍ରନ୍ଥ ଯିଏ ରଚନା କରିଛନ୍ତି ତାଙ୍କଠାରୁ ଆଉ କିଏ ମହାନ ଅଛନ୍ତି ? ସେତେବେଳେ ନାରଦ ମୁନିଙ୍କ କଥା ଶୁଣି ବ୍ୟାସଦେବ କହିଛନ୍ତି । ହଁ ମୁନିବର ତୁମ କଥାଅନୁସାରେ ମୁଁ ବୋହୁତ କିଛି ରଚନା କରିସାରିଛି । କିନ୍ତୁ କାହିଁକି କେଜାଣି ମୋ ମନରେ ଅବସୋସ ରହିଯାଇଛି। ଆହୁରି କିଛି ରଚନା କରିବା ପାଇଁ, ଯଦିଓ ମୁଁ ବେଦ, ମହାଭାରତ ଇତ୍ୟାଦି ରଚନା କରିଛି କିନ୍ତୁ ମୁଁ ଚାହୁଁଛି ଏଭଳି ଏକ ଗ୍ରନ୍ଥ ରଚନା କରିବା ପାଇଁ ଯାହାକୁ ସାଧାରଣ ଲୋକମାନେ ପଢିପାରିବେ, ବୁଝିପାରିବେ ଏବଂ କୃଷ୍ଣଙ୍କର ଗୁଣ ଗାନ କରି ସୁଖରେ ରହିପାରିବେ। ସେତେବେଳେ ନାରଦ ମୁନି ଓ ବ୍ୟାସଦେବ ଉଭୟ ଆଲୋଚନା କରି ସ୍ଥିର କଲେ ଭାଗବତ ନାମକ ମହାନ ଗ୍ରନ୍ଥ ରଚନାର କଥା। ତାପରେ ବ୍ୟାସଦେବ ଆରମ୍ଭ କରିଥିଲେ ଭାଗବତ ରଚନା ଏବଂ ତାକୁ ଖୁବ ଶୀଘ୍ର ସାରିଥିଲେ ମଧ୍ୟ।ଭାଗବତ ମାହାପୁରାଣରେ ଜନ୍ମମୃତ୍ୟୁ କଥା କୁହା ଯାଇଛି । ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇବାକୁ ନିର୍ବାଣ, ମୋକ୍ଷ ବା ସ୍ୱର୍ଗପ୍ରାପ୍ତି କୁହାଯାଏ। ଭାଗବତ ମହାପୁରାଣରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଯେ ଚଉରାଶି ଲକ୍ଷ ଯୋନି ଅତିକ୍ରମ କରିବା ପରେ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ନଅ ଲକ୍ଷ ପ୍ରକାର ଜଳ ଜୀବ, କୋଡିଏ ଲକ୍ଷ ପ୍ରକାର ବୃକ୍ଷ, ଏଗାର ଲକ୍ଷ ପ୍ରକାର କୃମି କୀଟ, ଦଶଲକ୍ଷ ପ୍ରକାର ପକ୍ଷୀ, ତିରିଶଲକ୍ଷ ପ୍ରକାର ପଶୁ, ଓ ଚାରିଲକ୍ଷ ପ୍ରକାର ମନୁଷ୍ୟ ଯୋନି ଇତ୍ୟାଦି।

ପୌରାଣିକ କଥା ଅନୁସାରେ ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବାକୁ ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ସାତଦିନ ଧରି ଶୁଣାଇଥିଲେ ତାହା ହେଉଛି ଶ୍ରୀମଦ୍?ଭାଗବତ । ବ୍ୟାଖ୍ୟାକାରମାନଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି, ଯେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ସଂପୂର୍ଣ୍ଣ ହୋଇଥିଲା। ସେଇଥିପାଇଁ 'ଭାଦ୍ରବ ପୂର୍ଣ୍ଣମୀ'କୁ 'ଭାଗବତ ଜନ୍ମ' ଭାବରେ କାହିଁ କେଉଁ କାଳରୁ ପାଳିନ କରାଯାଉଛି।ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି । ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି । ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି । ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ । ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋତ୍କଷ୍ଟ ପରିଣତି ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୌରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ । ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ।

ଓଡ଼ିଆ ଭାଗବତକୁ କେବଳ ଧର୍ମତତ୍ତ୍ୱ ସମ୍ପୃକ୍ତିତ ଏକ ପୁରାଣ ଭାବରେ ଗ୍ରହଣ କରାଯାଇ ନପାରେ । ଏହା ଭକ୍ତିଭାବ, ଜନଚେତନା, ସାହିତ୍ୟିକ ବୈଶିଷ୍ଟ୍ୟ ବହନକାରୀ ଏକ ଗ୍ରନ୍ଥ ମଧ୍ୟ । କବିତ୍ୱ ଚାତୁରୀ, ଛନ୍ଦ ସଂଯୋଜନା, ଅଳଙ୍କାର, ଶବ୍ଦ ନିର୍ବାଚନ, ସୁଭାଷିତ ପଦାବଳୀ ଏକ ଐନ୍ଦ୍ରଜାଲିକ ବିଭୂତି ଆହରଣ କରିଛି ଏହି ଗ୍ରନ୍ଥ । ଏଥିରେ ଯେଉଁ ରୂପଲୋକ, ଭାବଲୋକ ସୃଷ୍ଟି ହୋଇପାରିଛି, ତାହା ସବୁ ବିଚାର ଓ ବିଶ୍ଳେଷଣର ଉର୍ଦ୍ଧ୍ୱରେ ଏକ ଅପୂର୍ବ କାବ୍ୟ ସୁଷମାର ଗନ୍ତାଘର । ଏହାର ମୌଳିକତା ଅନନ୍ୟ।କାବ୍ୟମୟ କୋମଳତା ହିଁ 'ଓଡ଼ିଆ ଭାଗବତ'। ପାଠକର ଭାବଲୋକରେ କେବଳ ଉପଲବ୍ଧି କରାଯାଇପାରେ ଭାଗବତକୁ, ''ସମଗ୍ର ଭାଗବତ ଏହିପରି ବହୁ ଅନବଦ୍ୟ କବିତ୍ୱରେ ପୂର୍ଣ୍ଣ । ଭକ୍ତମାନଙ୍କର ଚନ୍ଦନଛିଟା ତଳେ, ପୁଣି ବଲୀକମାନଙ୍କର ଗର୍ଭରେ 'ଭାଗବତ'ର ଅପୂର୍ବ କବିତ୍ୱ ଅଧୁନା ଲୁପ୍ତ ହୋଇଅଛି । ତାହାର ପୁନରୁଦ୍ଧାନ ହୋଇପାରିଲେ , ସାରସ୍ୱତ ଉପବନରେ ଏହା ପୁଣି ଏକ ଅମ୍ଳାନ କମଳ ପରି ପ୍ରସ୍ଫୁଟିତ ହୋଇ ପାରିବ ।

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ ବରୀ ଯାଜପୁର

ଧୋବ ଧାଉଳିଆ ଭଦ୍ର ଲୋକ

ଆମେ ଶିକ୍ଷାକୁ ଜୀବନର ପଥ ପ୍ରଦର୍ଶକ ଭାବୁ। ଏଣୁ ସରକାର ମଧ୍ୟ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଅନ୍ତି।ଗରିବ ଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତ ପରିବାର ପିଲାମାନେ ଶିକ୍ଷିତ ହୁଅନ୍ତୁ ବୋଲି ସରକାରଙ୍କ ଲକ୍ଷ୍ୟ। ଏଥି ପାଇଁ ସରକାରଙ୍କ ବହୁ ଅର୍ଥ ଅପଚୟ ହେଉଛି। ଶିକ୍ଷା ନଥିଲେ ଉନ୍ନତି ନାହିଁ। ଶିକ୍ଷା ପାଇଲେ କେବଳ ବ୍ୟକ୍ତି ବା ସମାଜର ଉନ୍ନତି ହୋଇ ନଥାଏ। ସେଥି ପାଇଁ ଆବଶ୍ୟକ ବୃତ୍ତି। ସରକାରୀ ଚାକିରୀ ପାଇଁ

ଆଜି କାଲି ସବୁ ଶିକ୍ଷିତ ବେକାରୀ ଯୁବକ ଯୁବତୀ ମାନଙ୍କ ସ୍ୱପ୍ନ। ସବୁଠାରୁ ଭଲ ଚାକିରୀ ହେଲା ଆଇଏସ, ଆଇପିଏସ୍,ଆଇଏଫଏସ, ଓଏଏସ, ଡାକ୍ତର, ଇଞ୍ଜିନିୟର ବା କୌଣସି ବିଭାଗର ଅଧିକାରୀ। ଏଣୁ ସରକାରୀ ଚାକିରୀ ଖଣ୍ଡେ ପାଇବା ପାଇଁ ସବୁ ରଣ କୌଶଳକୁ ପ୍ରୟୋଗ କରାଯାଇଥାଏ।

ଅଧିକାଂଶ ଚାକିରୀ ପ୍ରତିଯୋଗିତା ମୂଳକ। ତଥାପି ହାତଗୁଞ୍ଜା, ଧରାଧରି, ସୁପାରିଶ ଏବଂ ପ୍ରିୟା ପ୍ରୀତି ଚୋଷଣରେ ଚାଲିଛି। ଯେଉଁ ମାନେ ସରକାରୀ ଚାକିରୀ ଖଣ୍ଡେ ଖଣ୍ଡେ ହାତେଇଛନ୍ତି,ସବୁ ଯେ ମେରିଟ୍ ରେ ପାଇଛନ୍ତି, ତାହା ନୁହେଁ। ବହୁତ ଅଫିସର ଅଛନ୍ତି,ଭଲ ଦରଖାସ୍ତ ଟି ଲେଖିବାର ଆସେନି। ତଥାପି ଅଫିସର ବୋଲି ସମ୍ମାନ ଓ ଖାତିର ଅଛି। ଏମିତି ଧୋବ ଧାଉଳିଆ ଭଦ୍ର ଲୋକଙ୍କ ସରକାରୀ ଚୌକିରେ ବସିଛନ୍ତି। ସରକାର ଏଥି ପାଇଁ ଏମାନଙ୍କୁ ମାସ ପାଇଲେ ମୋଟା ଅଙ୍କର ଦରମା ଦିଅନ୍ତି, ଯାତାୟାତ ପାଇଁ ଗାଡ଼ି ଏବଂ ରହିବା ପାଇଁ କ୍ୱାର୍ଟର ଯୋଗାଇ ଦିଅନ୍ତି। ଏମାନେ ଜନ ସେବା କରିବେ । ଦେଶର ପ୍ରଗତି କରିବେ। ଏହା ହେଲା ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ। କିନ୍ତୁ ଆଜି କାଲି ଜନ ସେବା ଅପେକ୍ଷା ନିଜର ବିକାଶ ଦିଗରେ ସମସ୍ତ ସରକାରୀ ଅଧିକାରୀଙ୍କ ଉଦ୍ଦେଶ୍ୟ ଲୁକ୍କାୟିତ ଭାବରେ ଜଡ଼ିତ। କେବଳ ଯେ ଅଧିକାରୀ ନୁହଁନ୍ତି ସରକାରୀ ଚାକିରୀ ଖଣ୍ଡେ ଯିଏ ପାଇଛି, ପିଅନ ଠାରୁ ଆରମ୍ଭ କରି ସଚିବ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ତୀବ୍ର ଲାଳସା କିପରି ଉପୁରି ପୁଳା ପୁଳା ଅର୍ଥ ଉପାର୍ଜନ କରିବା।

ଯେଉଁ ବିଭାଗରେ ନିର୍ମାଣ କାର୍ଯ୍ୟ ଚାଲଛି, ସେଠାରେ ଠିକାଦାରଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ କରାଯାଏ। ଏଥିରେ ସଂପୃକ୍ତ ବିଭାଗର ମନ୍ତ୍ରୀ ଠାରୁ ଅଧିକାରୀ ପର୍ଯ୍ୟନ୍ତ ପିସି ବ୍ୟବସ୍ଥା ରହିଛି।

ଏ ପିସି ବ୍ୟବସ୍ଥା ଆଜି ର ନୁହେଁ, ଏହା କଂଗ୍ରେସ ସରକାର ଅମଳରୁ ଆସିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସମୟରେ ସମସ୍ତ ବିଭାଗର ପ୍ରବେଶ ଫାଟକରେ ଲାଞ୍ଚ ମାଗିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାନ୍ତୁ ବୋଲି ଲେଖା ଯାଉଥିଲା। ଏପରିକି ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାନ୍ଥ ବା କାର୍ଯ୍ୟାଳୟରେ ଲାଞ୍ଚ ସମ୍ପର୍କୀତ ଜନ ସଚେତନତା ବାର୍ତ୍ତା ଲେଖା ଯାଉଥିଲା। ସେ ସମୟରେ ଯଦିଓ ଲାଞ୍ଚ କାରବାର ଚାଲିଥିଲା, ତଥାପି ସରକାରୀ ଚାକିରିଆ ମାନେ ଅଧିକାଂଶ ସଚ୍ଚୋଟ ଥିଲେ। ଲାଞ୍ଚ ଟଙ୍କା କୁ ପାପ ବୋଲି ବିବେଚନା କରୁଥିଲେ। ଯଦିଓ ଜଣେ ଜଣଙ୍କୁ ସାହାଯ୍ୟ ସହାନୁଭୂତି ଦେଖାଉଥିଲା ବିନା ସ୍ୱାର୍ଥ ଏବଂ ବିନା ଉତ୍କୋଚରେ ସଚ୍ଚୋଟ ପଣିଆ ଦେଖାଇ କରୁଥିଲେ। ଏବେ ସଚ୍ଚୋଟ ଅଧିକାରୀ ପ୍ରାୟ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ବଡ଼ ବଡ଼ ଧୋବ ଧାଉଳିଆ ବାବୁମାନେ ବା ଉଚ୍ଚ ଶିକ୍ଷିତ ବାବୁମନଙ୍କର ନୈତିକ ମୂଲ୍ୟବୋଧର ପତନ ଘଟିଲାଣି। ଲାଞ୍ଚ ନେବାକୁ ଅପରାଧ ବୋଲି ବିବେଚନା କରୁ ନାହାନ୍ତି। ଲାଞ୍ଚ ନେବା ଏକ ଜନ୍ମ ଗତ ଅଧିକାରରେ ପରିଣତ ହେଲାଣି।ସବୁ ବିଭାଗରେ ଦୁର୍ନୀତି ସଂକ୍ରମଣ ବ୍ୟାଧିରେ ପରିଣତ ହେଲାଣି।ଯେ କୌଣସି କାର୍ଯ୍ୟ ବିନା ଲାଞ୍ଚ ବା ବିନା ପିସିରେ କିଛି ହେବାର ନାହିଁ। ସବୁ ବିଭାଗରେ ଉତ୍କୋଚ ଏବେ ମହାମାରିରେ ପରିଣତ ହେଲାଣି। ଜିଲ୍ଲାକୁ ସନ୍ଥାଳିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳମାନଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ଜିଲ୍ଲାପାଳମାନେ ମଧ୍ୟ ଫାଇଲ୍ ଆପ୍ରୁଭାଲ ପାଇଁ ମୋଟା ଆକାରର ଲାଞ୍ଚ ନିଅନ୍ତି। ଜିଲ୍ଲାର ଆଇନ୍ ଶୃଙ୍ଖଳା ପାଇଁ ଯେଉଁ ଏସପିମାନେ ରହିଛନ୍ତି, ତାଙ୍କ ଦ୍ୱାରା ପରିଚାଳିତ ଥାନାଗୁଡିକରୁ ମୋଟା ଅଙ୍କର ଅର୍ଥ ସଂଗ୍ରହ ହୋଇଥାଏ । ଅପରାଧୀକୁ ଦଫା କୋହଳ କରିବା,ମାମଲାରୁ ଖସାଇ ଦେବା, ତଦନ୍ତରେ ଢୀଲା କରିବା, ଆଇନକୁ ଅପବ୍ୟବହାର କରିବା ଆଦି କାର୍ଯ୍ୟ କରେ ଥାନାବାବୁ ମାନଙ୍କ ମୁଖ୍ୟ ଭୂମିକା ରହିଛି। ଥାନାବାବୁ ମାନଙ୍କ ନିକଟରେ ଅଖଣ୍ଡ କ୍ଷମତା ରହିଛି। ଯାହାକୁ ଚାହିଁଲେ ତାଙ୍କୁ ଅପ୍ରିୟ ବନାଇବାରେ ସେମିତି ଷଡ଼ଯନ୍ତ୍ରର ଅଅଁଳା କୌଶଳ ରହିଛି। ଏଣୁ ମାମୁଁ ମାନଙ୍କୁ ସମସ୍ତଙ୍କର ବର୍ଷର ରହିଛି। ଏହି କ୍ଷମତା ର ଅପପ୍ରୟୋଗ କରି ପୋଲିସ ମୋଟା ଅଙ୍କର ଅର୍ଥ ସଂଗ୍ରହ କରି ଥାଏ । ଯେତିକି କଳାବଜାରୀ,ଦୋ ନମ୍ବରୀ କାରବାର ଚାଲିଛି, ସବୁ ପୋଲିସର ଜ୍ଞାତସାରରେ ଚାଲିଛି। ଏଣୁ ଯେଉଁଠି ପୋଲିସ ଲୋକମାନଙ୍କୁ ଆଇନ ଶୃଙ୍ଖଳା କଥା ଶିଖାଉଛି,ସେ ମଧ୍ୟ ଦୁର୍ନୀତିର ପରିସରଭୁକ୍ତ। ଡାକ୍ତର ଏବଂ ଇଞ୍ଜିନିୟରମାନେ ଏମାନେ ସଭିଏଁ ଦୁର୍ନୀତି ମୂଳ ମଞ୍ଜି। ପୂର୍ବରୁ ବଡ ବଡ ପୁଞ୍ଜିପତିମାନେ ଇଞ୍ଜିନିୟରିଂ ଏବଂ ଡାକ୍ତର ପୁଅମାନଙ୍କୁ କ୍ୱାଇଁ କରିବା ପାଇଁ ମୋଟା ଅଙ୍କର ଯୌତୁକ ଦେଇ କ୍ରୟ କରିଥାନ୍ତି। ଯଦି ଯୌତୁକ ବ୍ୟାଧିକୁ କିଏ ଯଦି ବଡ଼ ଧରଣର ସଂକ୍ରାମକ ରୋଗରେ ସମାଜରେ ପ୍ରସାରିତ କଲା ସେ ମଧ୍ୟରୁ ଏମାନଙ୍କ ଭୂମିକା ଅଗ୍ରଣୀ କହିଲେ ଚଳେ । ଏବେ ଓଡ଼ିଶାରେ ମୋହନ ସରକାର ଶାସନକୁ ଆସିଲା ପରେ ଦୁର୍ନୀତି ବିଭାଗ ସକ୍ରିୟ ହୋଇଛି। ସଚିବ ସ୍ତରରେ ଦୁର୍ନୀତି ଏବଂ ଜଣେ ଆଇଏଏସ ଉପଜିଲ୍ଲାପାଳଙ୍କ ଦୁର୍ନୀତି ଲୋକ ଲୋଚନକୁ ଆସିଲା ପରେ ଜଣା ପଡ଼ିଛି ଯେ ଦୁର୍ନୀତି ସର୍ବତ୍ର ଗ୍ରାସ କରିଛି।

ଏବେ ଜୟପୁରର ଜଣେ ଫରେଷ୍ଟରୁ ଡେପୁଟି ରେଞ୍ଜର ଭାବେ ପଦୋନ୍ନତି ପାଇଥିବା ରାମଚନ୍ଦ୍ର ନେପାକ ବାବୁଙ୍କ ଘରୁ ପୁଳା ପୁଳା ଟଙ୍କା ଅର୍ଥାତ ଏକ କୋଟି ୪୪ ଲକ୍ଷ ଟଙ୍କା,୧୫୦୬ ଗ୍ରାମ ସୁନା,୨ କେଜି ରୁପା , କୋଠ,ଜମି ପ୍ଲଟ ଆଦି ଅମାପ ସମ୍ପତ୍ତି ଦୁର୍ନୀତି ବିଭାଗ ଦ୍ୱାରା ଜବତ ହେଲା ପରେ ସେମାନଙ୍କ ଉପର ପାହ୍ୟା ଅଧିକାରୀମାନଙ୍କ ଆୟବର୍ହିଭୂତ ସମ୍ପତ୍ତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଣୁ ଜଙ୍ଗଲ ବିଭାଗର ଦୁର୍ନୀତି ନ କହିଲେ ଭଲ। କେନ୍ଦୁଝର ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ୧୧୫ ଟି ପ୍ଲଟ, ଛେଣ୍ଡିପଦା ଫାର୍ମ ହାଉସ,ଆଲିସାନ ବଙ୍ଗଳା,ସୁନା,ରୁପା,ଗାଡି ଆଦି ଅମାପ ସମ୍ପତ୍ତି ଠୁଳ କରିବାରେ ସିଦ୍ଧହସ୍ତ। ସେହିପରି ଭୁବନେଶ୍ୱରରେ ରାସ୍ତା ଓ ଗୃହନିର୍ମାଣ ସହକାରୀ ଯନ୍ତ୍ରୀ ରାଜ କିଶୋର ଜେନା, ଭୁବନେଶ୍ୱର ବିଏମସି ଇଞ୍ଜିନିୟର ଜଗନ୍ନାଥ ପଟ୍ଟନାୟକଙ୍କ କୁବେର ସମ୍ପତ୍ତି କୁ ଭିଜିଲାନ୍ସ ଠାବ କରିଛି।

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ ୪୦ ଏକର ଜମିରେ ଫାର୍ମ ହାଉସ,ମାଳ ମାଳ ଜମି, ନବରଙ୍ଗପୁର ରେ ୫ଟି ଦୋକାନ ଗୃହ କୋଟି କୋଟି ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ହାତରେ ଲାଗିଛି। ସହକାରୀ ଯନ୍ତ୍ରୀ ଦିଲେଶ୍ୱର ମାଝୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀ, ସୁବର୍ଣ୍ଣପୁର ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ଘରୁ ଅମାପ ସମ୍ପତ୍ତି ଜବତ ହୋ

ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ତିଆରି ହେବ ନୂଆ ରଥ

ଜୟପୁର,୯।୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ପୌରପାଳିକା ସଭାଗୃହରେ ଚଳିତ ବର୍ଷର ରଥଯାତ୍ରାକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି,ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାଏକ ,ପୌରପାଳିକାର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷା ବି. ସୁନିତା,ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ନବନିର୍ବାଚିତ ଦେବତ୍ତର ସଭାପତି ଦେବେନ୍ଦ୍ର ବହିନୀପତି, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଆୟୋଜନ କରିବା ପାଇଁ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଇନଶୃଙ୍ଖଳା ବଜାୟ ରଖିବା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯିବ। ଏହା ସହିତ ସାଧାପୋଷାକଧାରୀ ପୋଲିସ କର୍ମଚାରୀ ନିୟୋଜିତ ହେବା ସହ ସିସିଟିଭି ଓ ଡ୍ରୋନ ମାଧ୍ୟମରେ ସହର ଉପରେ କଡ଼ା ନଜର ରଖାଯିବ। ରଥ ଉପରକୁ ଅଣସେବାୟତମାନଙ୍କୁ ଚଢ଼ିବାକୁ ଅନୁମତି ଦିଆଯିବ ନାହିଁ। ଏହି ନିୟମର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି। ରଥଯାତ୍ରା ପୂର୍ବରୁ କିଛି ସମୟ ପାଇଁ ଦୋକାନ ବଜାର ବନ୍ଦ ରହିବା ସହ ମଦ ବିକ୍ରି ଓ ସେବନ ଉପରେ ମଧ୍ୟ କଟକଣା ଜାରି ରହିବ। ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବ୍ୟାପକ ପାର୍କିଂ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଚଳିତ ବର୍ଷ ଜୟପୁର ରଥଯାତ୍ରା ପାଇଁ ଏକ ନୂଆ ରଥ ନିର୍ମାଣ କରାଯିବ ବୋଲି ଘୋଷଣା କରାଯାଇଥିବାବେଳେ ଏହାକୁ ସହରବାସୀ ସ୍ୱାଗତ କରିଛନ୍ତି। ଜୟପୁର ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ମିଳିବ। ଏହା ସହ ବିଧାୟକ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ମଧ୍ୟ ଆର୍ଥିକ ଓ ଅନ୍ୟାନ୍ୟ ସହଯୋଗ ପ୍ରଦାନ କରିବେ ବୋଲି କହିଛନ୍ତି। ଚଳିତ ବର୍ଷ ରଥଯାତ୍ରାକୁ ଅଧିକ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା,ଏହି ବୈଠକ ରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଶଦା ଗାଦବା ବିଭିନ୍ନ ବିଭାଗର କର୍ମକର୍ତ୍ତା ଓ ସମସ୍ତ ବିଭାଗୀୟ ଅଧିକାରୀ, ମନ୍ଦିରର ସେବାୟତ ଓ ଦେବତର ଅଧିକାରୀ ଉପସ୍ଥିତ ଥିଲେ, ଶେଷରେ ଜୟପୁର ଅତିରିକ୍ତ ତହସିଲଦାର ଚିତ ରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ବାଟପୁଲିସିରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ରାମନାଗୁଡ଼ା,୯।୬ (ଆନିସ): ରାୟଗଡ ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଶୁଣ୍ଡିଧାମୁଣି ପଞ୍ଚାୟତ ଅଧୀନରେ ଥିବା ବାଟପୁଲିସି ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅଭୁତ ପୂର୍ବ ପରିବର୍ତ୍ତନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ ଗୋଟି ଗୋଦାବରୀଶ ମିଶ୍ର ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ ଆଭାସି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଙ୍କ କରକଳରେଏହି ଅବସରରେ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥ୍ୟ ଭାବେ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗୋମାଙ୍ଗ, ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥ୍ୟ ରୂପେ ସରପଞ୍ଚ ଭାସ୍କର କାତ୍ରାକା, ସମିତି ସଭ୍ୟ କମଳ ଲୋଚନ ମୁଟିକା, ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା, ଗୋଷ୍ଠି ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା, ବିଆରସିସି ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଏଏସଆଇ ଜଗନ୍ନାଥ ବେହେରା ଯୋଗ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥ୍ୟ ଭାବେ ବିଜେଡି ବ୍ଲକ ସଭାପତି ବାତ୍ରୀ ମାଣ୍ଡାଙ୍ଗି, ଯୁବ ଭାଜପା ନେତା ଆଶିଷ କୁମାର ବେହେରା,ଶକ୍ତି ପ୍ରସାଦ ପାତ୍ରଙ୍କ ସମେତ ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ମାନେ ଉପସ୍ଥିତ ରହି ବିଦ୍ୟାଳୟ ନିର୍ମାଣ ପାଇଁ ଶୁଭାରମ୍ଭ କରିଥିଲେ।ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ, ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ ହେଲେ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାରେ ନୂତନ ଦିଗକୁ ସୃଷ୍ଟି ହେବ ଏବଂ ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ପରିବେଶର ସୁବିଧା ପାଇପାରିବେ । ସରକାରଙ୍କ ଶିକ୍ଷା ବିକାଶ ଯୋଜନାକୁ ସଫଳ କରିବାରେ ଏହି ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି କହିଥିବା ବେଳେ ଏହି ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କର ଗୁଣାତ୍ମକ ବିକାଶ ନିମନ୍ତେ ଓ ପ୍ରାଥମିକ ଶିକ୍ଷା ର ମୂଳଦୁଆ କୁ ସୁଦୃଢ଼ କରିବା ପାଇଁ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଛଅ କୋଟି ଟଙ୍କା ଅଟକଳ ବ୍ୟୟରେ ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ଶ୍ରେଣୀ ଗୃହ, ଆଧୁନିକ ଭିତ୍ତିଭୂମି,ମାଗଣା ଯାତାୟାତ,ଅନ୍ତଃନୀନିବେଶି ଶୈଶବ ବାତାବରଣ ସାଙ୍ଗକୁ ଖେଳ ପଡିଆ, ହଷ୍ଟେଲ ଗୃହ, ଶିକ୍ଷକ ବାସ ଭବନ ନିର୍ମାଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଛାତ୍ର ଛାତ୍ରୀଙ୍କ ସେବାରେ ଉତ୍ସର୍ଗୀକୃତ ହେବ ବୋଲି ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ଗୋମାଙ୍ଗ କହିଥିଲେ।

ଆୟୁଷ ସ୍ନାତକ ମହାବିଦ୍ୟାଳୟର ଐତିହାସିକ ସଫଳତା

ଯୁକ୍ତ ୩ ତୃତୀୟ ବର୍ଷ ଷଷ୍ଠ ସେମିଷ୍ଟାର ପରୀକ୍ଷା ଶତପ୍ରତିଶତ ଫଳାଫଳ

ର।ମନ।ଗୁଡ଼ା,୯।୬ (ଆନିସ): ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଆୟୁଷ ସ୍ନାତକ ମହାବିଦ୍ୟାଳୟ ପୁଣିଥରେ ନିଜର ସଫଳତାର ପରିଚୟ ଦେଇଛି। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଯୁକ୍ତ୩ ତୃତୀୟ ବର୍ଷର ଷଷ୍ଠ ସେମିଷ୍ଟାର ପରୀକ୍ଷା ଫଳାଫଳରେ ମହାବିଦ୍ୟାଳୟର ଶତପ୍ରତିଶତ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି।ଏହା କେବଳ ଏକ ସାଧାରଣ ସଫଳତା ନୁହେଁ, ବରଂ ମହାବିଦ୍ୟାଳୟର ଗୌରବମୟ ଶିକ୍ଷା ପରମ୍ପରାର ଆଉ ଏକ ଉଜ୍ଜ୍ୱଳ ଅଧ୍ୟାୟ। ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ସେମିଷ୍ଟାରରେ ମଧ୍ୟ ଶତପ୍ରତିଶତ ଫଳାଫଳ ହାସଲ କରିଥିବା ଏହି ଅନୁଷ୍ଠାନ ଷଷ୍ଠ ସେମିଷ୍ଟାରରେ ମଧ୍ୟ ସେହି ପରି ସଫଳତା ଆଣିଛି । ଏହି ଅସାଧାରଣ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ନିଷ୍ଠାପୂର୍ଣ୍ଣ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କ ସହଯୋଗକୁ ସମସ୍ତେ ପ୍ରଶଂସା କରିଛନ୍ତି। ଫଳାଫଳ ପ୍ରକାଶ ପରେ ଅଭିଭାବକ, ସ୍ଥାନୀୟ ବାସିନ୍ଦା, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକବୃନ୍ଦ ଓ ଶିକ୍ଷାପ୍ରେମୀମାନେ ମହାବିଦ୍ୟାଳୟ ପରିବାରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଦିବାସୀ ଅଧ୍ୟୁଷିତ ରାମନାଗୁଡ଼ା ବ୍ଲକରେ ଅବସ୍ଥିତ ଏହି ଶିକ୍ଷାନୁଷ୍ଠାନ ନିଜର ସଫଳତା ମାଧ୍ୟମରେ କେବଳ ଅଞ୍ଚଳର ନାମକୁ ଉଜ୍ଜ୍ୱଳ କରିନାହିଁ, ବରଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତାହା ସହିତ ଓଡ଼ିଶା ପ୍ରଶାସନିକ ସେବା କୋଚିଂ, କମ୍ପ୍ୟୁଟର କୋର୍ସ, ସରକାରୀ ବିଏଡ କୋଚିଂ ବିନା ମୂଲ୍ୟରେ ମହାବିଦ୍ୟାଳୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ କହିଥିଲେ, ପରିଶ୍ରମ ହିଁ ସଫଳତାର ଚାବିକାଠି। ସେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଏହି ଗୌରବମୟ ସଫଳତା ପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ମଧ୍ୟ ଏହିପରି ସଫଳତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।ଆୟୁଷ ସ୍ନାତକ ମହାବିଦ୍ୟାଳୟର ଏହି ସଫଳତା ସମଗ୍ର ରାମନାଗୁଡ଼ା ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି।

ରାୟଗଡ ରେଳ ଷ୍ଟେସନରୁ ୬.୫କେଜି ଗଂଜେଇ ଜବତ, ଜଣେ ଗିରଫ

ରାୟଗଡା,୯।୬(ଆନିସ) ରାୟଗଡରୁ ବିଜୟୱାଡାକୁ ବେଆଇନ ଭାବେ ଗଂଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ୬କେଜି ୫୦୦ଗ୍ରାମର ଗଂଜେଇ ଜବତ କରିଛି ରାୟଗଡ ସରକାରୀ ରେଳବାଇ ପୋଲିସ (ଜିଆରପିଏସ) । ଗିରଫ ଅଭିଯୁକ୍ତ ହେଲେ କର୍ଣ୍ଣାଟକ ରାଜ୍ୟର ସାହିଲ ଖାନ (୨୩) । ଏ ନେଇ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଆଜି ରାୟଗଡ ରେଳ ଷ୍ଟେସନ ପ୍ଲାଟଫର୍ମ –୧ରେ ଜିଆରପି ଥାନା ଆଇଆଇସି ବିନୟ ପ୍ରକାଶ ମିଂଜ,ଏସଆଇ ସନ୍ତୋଷ କୁମାର ପରିଡା,ଏଏସଆଇ ମାଣିକ ଚନ୍ଦ୍ର ଗୌଡ,ଅନୁଜ ବଦ୍ୟଭୂଷଣ ପ୍ରମୁଖ ନିୟମିତ ଯାଂଚ କରୁଥିବା ସମୟରେ ଅଭିଯୁକ୍ତ ସାହିଲଙ୍କ ପାଖରେ ଥିବା ବ୍ୟାଗକୁ ସନ୍ଦେହ କରି ଯାଂଚ କରିଥିଲେ । ଯାଂଚ ସମୟରେ ବ୍ୟାଗରେ ଗଂଜେଇ ଥିବା ଜଣାପଡିଥିଲା । ପରେ ଜବତ ଗଂଜେଇକୁ ଓଜନ କରାଗଲା ପରେ ତାହାର ଓଜନ ୬କେଜି ୫୦୦ଗ୍ରାମ ରହିଥିବା ଜଣାପଡିଥିଲା । ଯାହାର ବଜାରରେ ଆନୁମାନିକ ମୂଲ୍ୟ ୬୫ହଜାର ଟଙ୍କା ହେବ ବୋଲି ପୋଲିସ ଅନୁମାନ କରିଛି ବୋଲି କହିଛନ୍ତି । ଏ ନେଇ ରାୟଗଡ ଜିଆରପି ଥାନାରେ ଏକ ଏନଡିପିଏସ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ଘୁ.ଉଦୟଗିରିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି,୬୧ ଟି ଅଭିଯୋଗ ଶୁଣିଲେ

ଘୁ.ଉଦୟଗିରି,୯।୬ (ଆନିସ): ଘୁ.ଉଦୟଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଦ ଭୂଷଣ ଯୋଗଦେଇ ମୋଟ ୬୧ ଟି ଅଭିଯୋଗ ଶୁଣିଥିଲେ।ସେଥି ମଧ୍ୟରୁ ଗ୍ରାମୀଣ ଘର ୮ ଟି,ଉନ୍ନୟନ ବିଭାଗୀୟ ସମ୍ବନ୍ଧୀୟ ୭ ଟି, ବାର୍ଦ୍ଧକ୍ୟ ଭତ୍ତା ସମ୍ବନ୍ଧୀୟ ୪ ଟି, ଜମିଜମା ସମ୍ବନ୍ଧୀୟ ୧୨ ଟି, ଅନ୍ୟାନ୍ୟ ୧୪ ଟି,ରାସନ୍? କାର୍ଡ ୩ ଟି ଜଳ ସମସ୍ୟା ୪ ଟି,ସ୍ୱାସ୍ଥ୍ୟ ସମସ୍ୟା ୪ ଟି,ଅବକାରୀ ସମସ୍ୟା ୧ ଟି ଓ ରାସ୍ତା ସମସ୍ୟା ୪ ଟି ଏହିପରି ମୋଟ ୬୧ ଟି ଅଭିଯୋଗର ଶୁଣାଣି କରି ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପେନସନ ଆଇଏସ ଶ୍ରବଣ ସିଂ ,ଉପଜିଲ୍ଲାପଳ ପ୍ରତିତା ଦାସ ,ସମନିତ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୃପା ସିନ୍ଧୁ ବେହେରା, ତହସିଲଦାର ସମୁଦ୍ର ମିଶ୍ର, ଉପଖଣ୍ଡ ପୋଲିସ ଅଧିକାରୀ ଏ ଶିବ ରେଡ୍ଡୀ ମଞ୍ଚାସୀନ ଥିବା ବେଳେ ସମସ୍ତ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି ଓ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିଲ କୁମାର ନାୟକ ପରିଚାଳନା କରିଥିଲେ ।

ପାହାଡ଼ପଡ଼ର ପଞ୍ଚାୟତ ସ୍ତରୀୟ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ: ପଂଜାମକୁ ହରାଇ ଜାମଗୁଡ଼ାକୁ ବିଜୟୀ

ଲାଞ୍ଜିଗଡ,୯।୬ (ଆନିସ): ଲାଞ୍ଜିଗଡ ବ୍ଲକ ପାହାଡ଼ପର ର ପଂଜମ ଖେଳ ପଡିଆ ଠାରେ ପାହାଡ଼ପଦର ପଞ୍ଚାୟତ ସ୍ତରୀୟ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପଂଜାମ ମାଁ ଭୌରବି କ୍ଲବ ତତ୍ତ୍ୱାବଧାନରେ ଅନୁଷ୍ଠିତ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଫାଇନାଲ ମ୍ୟାଚ୍ ପଂଜାମ ଓ ମଦନଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା।ଏହି ଫାଇନାଳ ମ୍ୟାଚରେ ମଦନଗୁଡା ବିଜୟ ହୋଇଥିଲେ।ଏହି ଉଦଯାଂପାନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଗୌରାଙ୍ଗ ନାଏକ ସନ୍ମାନିତ କୁଜି ମାଝୀ ଅତିଥି ଭାବେ , ଅଭିରାମ ନାଏକ,ମାଳି ମାଝୀ,ଦେବଦାସ ନାଏକ,ଦୁର୍ଯ୍ୟୋଧନ ମାଝୀ, ଡମ୍ବରୁଧର ମାଝୀ,ଅନନ୍ତମାଝୀ,ଶିବାଜି ମାଝୀ,ଅସିତ ମାଝୀ,ପ୍ରମୁଖ ଉପସ୍ଥିତ ଥିଲେ। କ୍ରିକେଟ୍ ଦଳ ଅଂଶ ଗ୍ରହଣ କରି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ

ବାଜାଜ ସୋରୁମ୍ କାନ୍ଥ ଭାଙ୍ଗି ବାଇକ୍ ଚୋରି, ୨ ନାବାଳକ ଗିରଫ

କାଲିମେଳା,୯।୬(ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ବାଜାଜ୍ ସୋରୁମ୍ କାନ୍ଥ ଭାଙ୍ଗି ମୋଟରସାଇକେଲ୍ ଚୋରି ଘଟଣାରେ ଦୁଇ ନାବାଳକ ଗିରଫ ହୋଇଥିବା ବେଳେ ପୋଲିସ ମାତ୍ର ୨୪ ଘଣ୍ଟା ମଧ୍ୟରେ ଚୋରି ହୋଇଥିବା ବାଇକକୁ ଜବତ କରିବାରେ ସଫଳ ହୋଇଛି । ସୂଚନା ଅନୁଯାୟୀ ଗତ ୬ ତାରିଖ ଦିନ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାଜାଜ୍ ସୋରୁମର ପଛପଟ କାନ୍ଥକୁ କୌଣସି ଶାବଳ ବା ଭାରୀ ଯନ୍ତ୍ରାଂଶ ସାହାଯ୍ୟରେ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ । ସୋରୁମ ଭିତରେ ରଖାଯାଇଥିବା ଏକ ନୂତନ ପଲସର ମଟରସାଇକେଲକୁ ସେମାନେ ଅତି ଚତୁରତାର ସହ ଚୋରି କରିବା ସହ ଅନ୍ୟ ସବୁ ବାଇକ ଗୁଡ଼ିକର ଚାବି ନେଇ ଫେରାର୍ ହୋଇଯାଇଥିଲେ । ସକାଳେ ସୋରୁମ ମାଲିକ ଓ କର୍ମଚାରୀ ଆସି କାନ୍ଥ ଭାଙ୍ଗିଥିବା ଏବଂ ବାଇକ୍ ଗାୟବ ଥିବା ଦେଖି କାଲିମେଳା ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୧୩୩/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସୋରୁମ୍ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ ବିଶେଷ ସୂତ୍ରରୁ ମିଳିଥିବା ଖବରକୁ ଆଧାର କରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ତଦନ୍ତ ସମୟରେ ଏହି ଚୋରି ପଛରେ ଦୁଇଜଣ ନାବାଳକଙ୍କ ସଂପୃକ୍ତି ଥିବା ଜଣାପଡ଼ିଥିଲା । ପୋଲିସର ସଫଳ ରଣନୀତି ଯୋଗୁଁ ଚୋରିର ମାତ୍ର ୨୪ ଘଣ୍ଟା ମଧ୍ୟରେ ମୋଟରସାଇକେଲକୁ ଏମଭି – ୮୧ ଅଞ୍ଚଳରୁ ଜବତ କରାଯାଇଥିବା ବେଳେ ଦୁଇ ଜଣ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କାଲିମେଳା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି ।

ମନରେଗା ଦୁର୍ନୀତିର ଖୋଳତାଡ଼ , ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

କାଲିମେଳା,୯।୬(ଆନିସ): ମାଲକାନଗିରି ଜିଲ୍ଲା ଭେଙ୍କଟପଲମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଖୋଳତାଡ଼ ଆରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇ ଘଟଣାର ଆଧିକାରିକ ତଦନ୍ତ ଆରମ୍ଭ ହୋଇଛି । ସୂଚନା ଯୋଗ୍ୟ ଯେ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ କାମ ନକରି ମଧ୍ୟ ସେମାନଙ୍କ ନାମରେ ମିଥ୍ୟା ମାଷ୍ଟର ରୋଲ୍ ପ୍ରସ୍ତୁତ କରାଯିବା,କାଗଜପତ୍ରରେ ପ୍ରକଳ୍ପ ଦେଖାଇ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆତ୍ମସାତ କରାଯାଇଥିବା ,ମେସିନ୍ ବ୍ୟବହାର ଏବଂ ଶ୍ରମିକଙ୍କ ବଦଳରେ ଅଣ–ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ସ୍ଥାନୀୟ ଅଭିଯୋଗକାରୀଙ୍କ ଲିଖିତ ଆପତ୍ତି ପରେ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏହାକୁ ଗମ୍ଭୀରତାର ସହ ନେଇ ଏକ ଉଚ୍ଚସ

ନୂତନ ପାର୍କ ପ୍ରତିଷ୍ଠା ପାଇଁ ବିଧାୟକଙ୍କୁ ସ୍ମାରକ ପତ୍ର

ଫୁଲବାଣୀ, ୯।୬ (ଆନିସ): ଫୁଲବାଣୀ ସହରରେ ଭଲ ପାର୍କଟିଏ ନାହିଁ। ଜନସାଧାରଣ ଙ୍କ ସଂଗଠନ ପକ୍ଷରୁ ପାର୍କ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପଟାବାଲି ସାହି ନିକଟରେ ଥିବା ପିଲାସାଲୁଙ୍କି ନଦୀ ଶଯ୍ୟା ରେ ଏକ ଆକର୍ଷଣୀୟ ପାର୍କ ନିର୍ମାଣ ପାଇଁ ସଂଗଠକ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ର ସଭାପତି ଡ଼ଃ୍ଟର ଦିଲ୍ଲୀପ କୁମାର ସାହାଣୀ ଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ସର୍କିଟ ହାଉସ ଠାରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଙ୍କ ସହ ଏ ସମ୍ପର୍କ ରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳ ରେ ସଂଗଠନ ର ଉପସଭାପତି ଦ୍ୱୟ ସୁବାସ ଚନ୍ଦ୍ର ପ୍ରଧାନ ଓ ଶୁଭେନ୍ଦୁ ତ୍ରିପାଠୀ, ବରିଷ୍ଠ ସଦସ୍ୟ ନୃସିଂହ ବେହେରା ଓ କିଶୋର ଚନ୍ଦ୍ର ଘଟାଲ ପ୍ରମୁଖ ସାମିଲ ଥିଲେ। ବିଧାୟକ ଶ୍ରୀ ମଲିକ ଏକ ଦାବିପତ୍ର ଦେବା ପାଇଁ ଅନୁରୋଧ କରିଥିଲେ। ଏହା ପରେ ସଭାପତି ଡ଼ଃ୍ଟର ସାହାଣୀ, ନୃସିଂହ ବେହେରା ଓ କିଶୋର ଚନ୍ଦ୍ର ଘଟାଲ ପ୍ରମୁଖ ବିଧାୟକ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଏହା ପରେ ବିଧାୟକ ସ୍ଥାନୀୟ ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ପାର୍କ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାଯାଇଛି।

ଆମୋଦ ପ୍ରମୋଦ ପାଇଁ ଆକର୍ଷଣୀୟ ପାର୍କ ଟିଏ ନିତାନ୍ତ ଆବଶ୍ୟକ। ଏହାକୁ ହୃଦୟଙ୍ଗମ କରି କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ପକ୍ଷରୁ ଗତ ୫ ବର୍ଷ ହେଲା ଅହରହ ଉଦ୍ୟମ ଜାରି ରହିଛି। ଏହି ସମୟ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ, କେନ୍ଦ୍ର ଗୃହ ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ, ରାଜ୍ୟ ସରକାର ଙ୍କ ବିଭିନ୍ନ ବିଭାଗକୁ ଦାବିପତ୍ର ଦିଆଯାଇ ଦୃଷ୍ଟିଆକର୍ଷଣ କରାଯାଇଥିଲା। ତେବେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ବର୍ତମାନ ପୁଣି ଏହି

ଫୁଲବାଣୀ ସହରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତ୍ୱରାନିତ

ଫୁଲବାଣୀ, ୯/୦୬ (ଆନିସ): ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଫୁଲବାଣୀ ସହର ରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରେ ସୁଧାର ଆସିଥିବା ଦେଖିବାକୁ ମିଳିଛି । ୧୩ୱାର୍ଡ ବିଶିଷ୍ଟ ଫୁଲବାଣୀ ସହର ର ଜନସାଧାରଣ ଙ୍କୁ ଦିନକୁ ଦୁଇ ଥର ଘରକୁ ପାଇପ ଜଳ ଯୋଗାଇ ଦିଆଯାଉଥିବାରୁ ଲୋକେ ବେଶ ଖୁସ ନାରାୟଣୀ ମନ୍ଦୀର ନିକଟ ସମ୍ପ ରୁ ପାଣି ଉଠ ଯାଇ ନିକଟ ରେ ଥିବା ୱଟର ଟ୍ରିଟ ମେଣ୍ଟ ପ୍ଲାଣ୍ଟ ରେ ବିଶୋଧିତ କରାଯାଇ ପ୍ରତିଦିନ ସହର କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ସହକାରୀ ଯନ୍ତ୍ରୀ ଇଁ ସନ୍ତୋଷ କୁମାର ସାହୁ କହିଛନ୍ତି ।

ସେହିପରି ଅଟନୋମସ କଲେଜ ନିକଟ ରେ ମଧ ଆଉ ଏକ ସମ୍ପ୍ ଜରିଆରେ ପାଣି ଉଠା ଯାଇ କଲେଜ, ଓ ଆଖପାଖ ଅଞ୍ଚଳର ଜନସାଧାରଣ ଙ୍କୁ ଯୋଗାଇ ଦିଆଯଉଛି

ଏତଦବ୍ୟତୀତ ସହର ର ବିଭିନ୍ନ ସାହି ବସ୍ତିରେ ନଳକୂପ, କୂପରୁ ଲୋକେ ପାନୀୟ ଜଳ ସଂଗ୍ରହ କରି ବ୍ୟବହାର କରୁଛନ୍ତି ଫଳରେ ପୂର୍ବ।ପେକ୍ଷା ପାନୀୟ ଜଳ ସମସ୍ୟା।ରେ ଯଥେଷ୍ଟ ସୁଧାର ଆସିଛି ସେହିପରି ଏଫ୍ ସି ଆଇ ଛକ ଅଞ୍ଚଳ ର କେତେକ ସାହି କୁ ପାଇପ ଯେ ।ଗ ଦିଆଯାଉଥିବା ଜଳ କ ର୍ମି ଯି ବ ।ରୁ ସେଠାକୁ ପାଣି ଟ୍ୟାଙ୍କର ଯୋଗେ ଦୁଇ ବେଳା ପାଣି ଯୋଗାଇ ଦିଆଯାଉଥିବା ସହକାରୀ ଯନ୍ତ୍ରୀ ଇଁସାହୁ କହିଛନ୍ତି ।

ଛତ୍ରପୁର ସ୍ଥିତ ଅଧିକ୍ଷଣ ଯନ୍ତ୍ରୀ ଇଁ. ପ୍ରଶାନ୍ତ କୁମାର ଦାସ ଙ୍କ ନିର୍ଦେଶ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସହ ସହକାରୀ ଯନ୍ତ୍ରୀ ଇଁ ସନ୍ତୋଷ କୁମାର ସାହୁ ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା, ଅକ୍ଲାନ୍ତ ପରିଶ୍ରମ ଯୋଗୁଁ କାର୍ଯ୍ୟ ଦକ୍ଷତା ଯୋଗୁଁ ଫୁଲବାଣୀ ସହରରେ ଜଳ ଯୋଗାଣ ସମସ୍ୟା ଦୂର ହୋଇପାରିଛି ତେବେ ବେଳେ ବେଳେ ବିଦ୍ୟୁତ୍ ସମସ୍ୟା ଯୋଗୁଁ ପାଣି ଯୋଗାଇବାରେ ବିଳମ୍ବ ଓ ସମସ୍ୟା ସୃଷ୍ଟି ହେଉଥିବା ଇଁ. ସାହୁ କହିଛନ୍ତି, ଏଥିରେ ଜନସାଧାରଣ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି ।

ଖଜୁରିପଡା ବ୍ଲକ୍ ସ୍ତରୀୟ ଜନ ଶୁଣାଣୀ, ୨୦ଅଭିଯୋଗ ଶୁଣିଲେ ବିଡ଼ିଓ

ଫୁଲବାଣୀ, ୯।୬ (ଆନିସ): ଖଜୁରିପଡା ବ୍ଲକ୍ ଅନ୍ତର୍ଗତ ଦୂତିପଡା ପଂଚାୟତ ର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଜନ ଶୁଣାଣୀ ରେ ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀ ପତୀ, ତହସିଲଦର ଶୁଭଶ୍ରୀ ରଥ, ବି ଏସ ଏସ ଓ, ଜି ପି ଡି ଓ ଚକ୍ର ଧର ମହାରଣା , ଏମ ଆଇ ସୌମ୍ୟ ରଂଜନ ଭୋଇ , ସ୍ଥାନୀୟ ସରପଞ୍ଚଜାନକୀ ଜନୀ , ଆର୍ ଆଇ ମାନସ ସାହୁ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମାଧାନ କରିଥିଲେ ୨୦ ଟି ଅଭିଯୋଗ ମଧ୍ୟରୁ ପ୍ରାୟ ୯ଟି ବ୍ୟକ୍ତିଗତ ସମସ୍ୟା ଥିବା ବେଳେ ୧୧ଟି ସାମୁହିକ ସମସ୍ୟା ରହିଥିବା ବିଡ଼ିଓ କହିଛନ୍ତି ବିଶେଷ କରି ଭତ୍ତା, ରାସ୍ତା ସମସ୍ୟା, ଆବାସ ଗୃହ, ରାସନ୍ କାର୍ଡ, ପାନୀୟ ଜଳ ଆଦି ସମସ୍ୟା ଉପରେ ଥିବା ଅଭିଯୋଗ ର ଶୁଣାଣି କରିଥିଲେ ବିଡ଼ିଓ ବାହୀନିପତି ଓ ତହସିଲଦର ଶୁଭଶ୍ରୀ ରଥ ଲୋକେ ଯେପରି ନ୍ୟାୟ ପାଇବେ, ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ର ସୁଫଳ ଗ୍ରାମାଂଚଳ ର ଲୋକେ ପାଇବେ ସେଥି ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଉଥିବା ଜଣାପଡିଛି ଲୋକେ ମଧ୍ୟ ସେମାନଙ୍କ ସମସ୍ୟା ର ସମାଧାନ ହାତ ପାଆନ୍ତ ରେ ହୋଇଯାଉଥିବା ଫଳରେ ସେମାନେ ବେଶ୍ ଖୁସି ଅନୁଭବ କରିବା ସଂଗେ ବିଡିଓ ଓ ତହସିଲ୍ ଦର ଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ

ଜି.ଉଦୟଗିରିରେ ଜିଲାପାଳଙ୍କ ଜନ ଶୁଣାଣି

ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କଲେ

ଫୁଲବାଣୀ,୯।୬ (ଆନିସ): କନ୍ଧମାଳ ଜିଲାପାଳ ବେଦ ଭୂଷଣ ଜି ଉଦୟଗିରୀ ବ୍ଲକ୍ ପରିସରରେ ଜନ ଶୁଣାଣୀ କରିଥିଲେ ଏଥିରେ ପ୍ରାୟ ୬୧ଟି ଅଭିଯୋଗ ର ଶୁଣାଣି କରିଥିଲେ ବିଶେଷ କରି ଆବାସ ଯୋଜନା ଗୃହ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଭତ୍ତା, ରାସ୍ତା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଥିଲା ଜିଲାପାଳ ବେଦ ଭୂଷଣ ସମସ୍ତ ଅଭିଯୋଗ କୁ ଶୁଣିବା ପରେ ତ୍ୱରିତ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ବିଭାଗ ର ଅଧିକାରୀ ଙ୍କୁ ନିର୍ଦେଶ ଦେଇଥିଲେ ଏହା ପରେ ଜିଲ୍ଲା ପାଳ ବେଦ ଭୂଷଣ ଜି ଉଦୟଗିରୀ ବ୍ଲକ ର ବିଭିନ୍ନ ଅଞ୍ଚଳ ରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ପ୍ରଣୀତ ଦାସ,ବାଲିଗୁଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କୃପା ସିନ୍ଧୁ ବେହେରା, ଆଇ ଏ ଏସ ପ୍ରୋବେସନର ଯସ୍ କରଣ ସିଂହ, ଜି ଉଦୟଗିରି ତହସିଲ ଦ ର ସମୁଦ୍ର ଦାସ, ବିଡ଼ିଓ ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଅସିତ୍ କୁମାର ସେଠୀ, ଏନ୍ ଏ ସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ଉପସ୍ଥିତ ଥିଲେ

ଗୋଷ୍ଠୀ ଶିକ୍ଷା ଅଧିକାରୀ ଖୋର୍ଦ୍ଧାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଲା ପ୍ରାଥମିକ ଶିକ୍ଷକ ସଂଘ

ଖୋର୍ଦ୍ଧା,୯।୬ (ଆନିସ): ଖୋର୍ଦ୍ଧାରେ ଦୀର୍ଘ ଦିନ ଧରି ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନ ଥିଲେ । ଗତ ବର୍ଷ ଏପ୍ରିଲ ୨୦୨୫ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଧ୍ୟାରାଣୀ ରାଉତ ପଦୋନ୍ନତି ପାଇ ନୟାଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଅଧିଷ୍ଠିତ ୧୪ ମାସ ପରେ ରାଜ୍ୟ ସରକାର ଖୋର୍ଦ୍ଧା ବ୍ଲକକୁ ସ୍ଥାୟୀ ବି.ଇ.ଓ ଦେଇଥିବାରୁ ସଂଘ କୃତଜ୍ଞତା ଜ୍ଞାପନ କରିବା ସହିତ ମାନ୍ୟବର ବିଧାୟକ ତଥା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବଙ୍କୁ ସଂଘ ଧନ୍ୟବାଦ ଜଣାଇଅଛି । ଶ୍ରୀମତୀ ମନୋଲିସା ନାୟକ ପ୍ରଧାନ ଶିକ୍ଷୟିତ୍ରୀ ସରକାରୀ କୁଇନ୍ ମିଶନ୍ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର ଠାରୁ ବଦଳି ହୋଇ ଆଜି ଗୋଷ୍ଠୀ ଶିକ୍ଷା ଅଧିକାରୀ ଖୋର୍ଦ୍ଧା ଭାବେ ଯୋଗଦାନ କରିଛନ୍ତି । ଏହି ଅବସରରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଭେଟି ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି । ଦରମା ମାସର ଶେଷ ଦିନ କରିବା ଓ ଶିକ୍ଷକମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ତ୍ୱରିତ୍ ବେଗରେ ସମାଧାନ କରିବା ସହିତ ଶିକ୍ଷକମାନଙ୍କର ବହୁବିଧ ସମସ୍ୟାକୁ ସମାଧାନ କରିବା ପାଇ ପ୍ରତିଶ୍ରୁତି ଦେଇଛନ୍ତି । ନିରପେକ୍ଷ, ସାଧୁତା ଓ କାର୍ଯ୍ୟାଳୟ ପରିଚାଳନାରେ ସମସ୍ତଙ୍କର ସହଯୋଗରେ ଖୋର୍ଦ୍ଧା ଶିକ୍ଷା କାର୍ଯ୍ୟାଳୟକୁ ଆଗକୁ ନେବା ପାଇଁ ମତବ୍ୟକ୍ତ କରିଛନ୍ତି । ସଂଘ ତରଫରୁ ଶିକ୍ଷାକୁ ସରସ ସୁନ୍ଦର ତଥା ଗୁଣାତ୍ମକ ଶିକ୍ଷା ବିକାଶରେ ସମସ୍ତ ପ୍ରକାର ସହଯୋଗ କରିବ । ଦାୟିତ୍ୱରେ ଥିବା ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁଙ୍କ କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟାଳୟର ପରିଚାଳନା ଉଚ୍ଚକୋଟୀର ଥିଲା । ତାଙ୍କୁ ମଧ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସାଦକ ଅମୀୟ କୁମାର ପରିଡ଼ା, ଉପସଭାପତି ରଶ୍ମି ଦାସ, ସହସାଦକ ଜ୍ୟୋତିମୟୀ ନାୟକ, ରବିନାରାୟଣ ପଣ୍ଡା, ପ୍ରଭାସିନି ବେହେରା, ସୁଦୀ ବେହେରା, ରାମଚନ୍ଦ୍ର ବ୍ରହ୍ମା, ପ୍ରତାପ ଚନ୍ଦ୍ର ସ୍ୱାଇଁ, ମାଧବ ଚନ୍ଦ୍ର ରଣା,ପ୍ରତିମା ବେହେରା, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଏଲ୍‌ଆଣ୍ଡ୍‌ଟିର ସାମାଜିକ ଦାୟିତ୍ୱବୋଧ
ବାଳମୁକୁଳିରେ ବିଶାଳ ରକ୍ତଦାନ,ଚକ୍ଷୁ ପରୀକ୍ଷା ଶିବିର, ୫୪ ୟୁନିଟ୍ ରକ୍ତ ସଂଗ୍ରହ

ବିଂଝାରପୁର, ୯।୬ (ଆନିସ): ଏଲ୍ ଆଣ୍ଡ୍ ଟିର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ବାଳମୁକୁଳି ଗ୍ରାମସ୍ଥିତ ଏଲ୍ ଆଣ୍ଡ୍ ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସେବାମୂଳକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଉତ୍ସାହଜନକ ଅଂଶଗ୍ରହଣ ପରିଲକ୍ଷିତ ହୋଇଥିଲା।

ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟର ବ୍ଲଡ୍ ବ୍ୟାଙ୍କ ଡାକ୍ତର ଅନୁରାଧା ଶର୍ମା, ଏଡିଏମଓ ହୃଷିକେଶ ଜେନା ଏବଂ ନର୍ସିଂ ଅଫିସର ବିଶ୍ୱ ରଞ୍ଜନ ଓଝା ଉପସ୍ଥିତ ରହି ରକ୍ତଦାତାମାନଙ୍କ ଠାରୁ ମୋଟ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାମାନଙ୍କ ମଧ୍ୟରେ ଯୁବବର୍ଗଙ୍କ ଉତ୍ସାହ ଓ ସାମାଜିକ ସଚେତନତା ବେଶ୍ ପ୍ରଶଂସନୀୟ ଥିଲା। ସେହିପରି ଚକ୍ଷୁ ପରୀକ୍ଷା ଶିବିରରେ ଭୂମିକା ଅନୁଷ୍ଠାନର ରାଜ୍ୟ ପରିଚାଳକ କର୍ଣ୍ଣାଟ କିଶୋର ଜେନା, ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତି, ଯାଜପୁର

ଶାଖା ପରିଚାଳକ ବିଶ୍ୱଜିତ ଦାସ, ଜାରକା ଭୂମିକା ଚିକିତ୍ସାଳୟର ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଚାଳକ ଦେବେନ୍ଦ୍ର ସେଠୀ, ଅପଟମ ଜେନା, ଭିଜନ ଟେକ୍କିସିଆନ ଡୋନା ସରକାର ଓ ରୀନା ରାଣୀ ଭଞ୍ଜ, ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ଜ୍ୟୋତି ସାହୁ, ସଙ୍ଗୀତା ଜେନା ଏବଂ ସ୍ୱାସ୍ଥ୍ୟ ସହାୟକ ସଚିନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ବିଂଝାରପୁର ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୭୭ ଜଣ ବରିଷ୍ଠ ନାଗରିକଙ୍କର ଚକ୍ଷୁ ଓ ଚଷମା ପରୀକ୍ଷା କରାଯାଇଥିଲା। ପରୀକ୍ଷା ପରେ ସେମାନଙ୍କ ମଧ୍ୟରୁ ୯ ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇ ନିଶୁଳ୍କ ଅସ୍ତ୍ରୋପଚାର ପାଇଁ ସ୍ଥିର କରାଯାଇଛି। ଏହା ଦ୍ୱାରା ଅନେକ ବରିଷ୍ଠ ନାଗରିକ ଉପକୃତ ହେବେ ବୋଲି ଆଶା କରାଯାଉଛି।ଏଲ୍ ଆଣ୍ଡ୍ ଟିର ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପର ପ୍ରକଳ୍ପ ପରିଚାଳକ ଶିବ ପ୍ରସାଦ ଶତପଥୀ, ପ୍ରଶାସନିକ ପରିଚାଳକ ତାପସ ପଣ୍ଡା, ସୁରକ୍ଷା ଅଧିକାରୀ ରାହୁଲ ସିଂ ଏବଂ ଷ୍ଟୋର ପରିଚାଳକ ଜିତେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିରର ସୁଚାରୁ ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏଲ୍ ଆଣ୍ଡ୍ ଟି ପକ୍ଷରୁ ବୃକ୍ଷରୋପଣ, ପାଠ ଉପକରଣ ବଣ୍ଟନ, ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ଭଳି ବିଭିନ୍ନ ଜନହିତକର ଓ ସମାଜ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସାମାଜିକ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁଣିଥରେ ପ୍ରମାଣିତ କରିଛି।

ବେଆଇନ୍ ମଦ କାରବାରକୁ ବନ୍ଦ କରିବା ନେଇ ପ୍ରଶାସନ, ପୋଲିସ ଓ ଅବକାରୀ ବିଭାଗର ଦ୍ୱାରସ୍ଥ ହେଲେ ମହିଳା

ସୁନ୍ଦରଗଡ:୦୯/୦୬(ଆନିସ): ଜୁନ ୯ ତାରିଖ ମଙ୍ଗଳବାର ଦିନ ଲେଫ୍ରିପଡା ବ୍ଲକ ବଡବଙ୍ଗା ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ ଓ ପରିବାରକୁ ସୁରକ୍ଷିତ କରିବା ନେଇ ସରପଞ୍ଚ ସମେତ ମହିଳା ମାନେ ଅଣ୍ଟା ଭିଡ଼ିଛନ୍ତି। ମଦ ଭାଟି ବନ୍ଦ ହୋଇଥିବା ବେଳେ ଏବେ ବି ଦେଶୀ, ବିଦେଶୀ ମଦର ବନ୍ୟା ତାଙ୍କ ଅଞ୍ଚଳରେ ଚାଲିଥିବା ନେଇ ସେମାନେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟଳୟରେ ପହଞ୍ଚି ଲିଖିତ ଭାବେ ଅବଗତ କରିବା ସହ ସମସ୍ତ ସ୍ତରରୁ ସାହାଯ୍ୟ ଭିକ୍ଷା କରିଛନ୍ତି। ମଦ ପାଇଁ ତାଙ୍କ ପରିବାର ଓ ପରିବାରର ଭବିଷ୍ୟତ ଅନ୍ଧକାରଗାମୀ ହେଇଥିବା ସେମାନେ କ୍ଷୋଭର ସହ କହିଛନ୍ତି। ମଦ ସେମାନଙ୍କୁ କାଙ୍ଗାଳ ଓ ସର୍ବଶ୍ରାନ୍ତ କରୁଛି। ପରିବାରର ଶିଶୁ ଠାରୁ ବୁଢା ବୁଢ଼ୀ ପର୍ଯ୍ୟନ୍ତ ସମସ୍ତେ ଏହି ମାଦକ ଦ୍ରବ୍ୟର ନିଶାରେ ଅପରାଧିକ କାଣ୍ଡ ଘଟାଇବାକୁ ପଛଉ ନାହାଁନ୍ତି। ପୁରୁଷ ମାନେ କାମ ଦାମ ତ କିଛି କରୁନାହାନ୍ତି ଓଲଟା ତାଙ୍କ ସ୍ତ୍ରୀ, ମା ମାନେ ଯେଉଁ କମାଣି କରୁଛନ୍ତି ତାକୁ ସେମାନେ

ମାଡ଼ପିଟ କରି ମଦରେ ଲୁଟୁଛନ୍ତି। ସକାଳ ହେଲେ ମଦରେ ମୁହଁ ଧୋଉଛନ୍ତି । ସନ୍ଧ୍ୟାରେ ମହିଳା ମାନଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ଘରର ସମସ୍ତ ଜିନିଷକୁ ନେଇ ବିକ୍ରି କରି ମଦ ପିଇ ଦେଉଛନ୍ତି। ତେବେ ଏଥିରେ ଅତିଷ୍ଠ ହୋଇ ଆଜି ଏହି ମହିଳା ମାନେ ବଡବଙ୍ଗା ସରପଞ୍ଚ ସନ୍ତୋଷ ସୋରେନଙ୍କ ନିକଟରେ ସାହାଯ୍ୟ ଭିକ୍ଷା କରିବା ସହ ତାଙ୍କୁ ଧରି ଜିଲ୍ଲାପାଳ, ଏସପି ଓ ଅବକାରୀ ଅଧୀକ୍ଷକଙ୍କ ନିକଟରେ ପହଞ୍ଚିଛନ୍ତି। ତେବେ ପ୍ରସାଶନ ସେମାନଙ୍କ ଅଞ୍ଚଳକୁ ମଦମୁକ୍ତ କରି ସୁରକ୍ଷିତ କରନ୍ତୁ ନ ହେଲେ ସେମାନେ ବାଧ ହୋଇ ଆତ୍ମହତ୍ୟା କରିବା ଭଳିଆ ପନ୍ଥା ଗ୍ରହଣ କରିବେ ବୋଲି ସ୍ଥିର କରିଛନ୍ତି। ତେବେ ମହିଳାଙ୍କ ଏହି ଏକତ୍ରିତ ଗୁହାରି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏହା ଉପରେ ପଦକ୍ଷେପ ନେବାକୁ ବାଧ କରିଛି।

ସଫଳ ପିଢ଼ିଙ୍କୁ ଭବ୍ୟ ସମ୍ବର୍ଦ୍ଧନା, ବିଂଝାରପୁରର ଗୌରବ ବଢ଼ାଇଥିବା ପ୍ରତିଭାଙ୍କୁ ସମ୍ମାନ

ବିଂଝାରପୁର, ୯।୬ (ଆନିସ): ନବ ଅନ୍ୱେଷ ପ୍ରତିଭା ଅନ୍ୱେଷଣ ସଂସଦ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଓ ଯୁକ୍ତ ଦୁଇ ପରୀକ୍ଷାରେ ସଫଳତା ହାସଲ କରି ବିଂଝାରପୁର ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ପ୍ରତିଭାମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଛି । ଅରେଇସ୍ଥିତ ବାବା ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ସଫଳ ପ୍ରତିଭାମାନଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଅଧିକ ସଫଳତା ହାସଲ କରିବା ପାଇଁ ଶୁଭେଚ୍ଛା ଜଣାଇଥିଲେ କାର୍ଯ୍ୟକ୍ରମରେ ବିଂଝାରପୁର ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧକ୍ଷ ସେଖ ଏରସାଦ, ସମାଜସେବୀ

ମାଓ ବିରୋଧି ଅଭିଯାନରେ ବଡ଼ ସଫଳତା

ମାଲକାନଗିରି ଜଙ୍ଗଲରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ

ମାଲକାନଗିରି, ୯।୬ (ଆନିସ): ମାଓ ବିରୋଧି ଅଭିଯାନରେ ଏକ ବଡ଼ ସଫଳତା ସ୍ୱରୂପ, ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ (ଡିଭିଏଫ୍) ଓ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ମିଳିତ ଟିମ୍ ଆଜି ସକାଳେ ମାଲକାନଗିରି ଜିଲ୍ଲାର ଘଞ୍ଚ ଜଙ୍ଗଲରୁ ମାଓବାଦୀଙ୍କ ଏକ ଅଜ୍ଞାତ ସ୍ଥାନରୁ ବିପୁଳ ପରିମାଣର ଅସ୍ତ୍ର, ଗୁଳିଗୋଳା, ବୋମା ତିଆରି ସାମଗ୍ରୀ, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଯୁଦ୍ଧୋପଯୋଗୀ ସାମଗ୍ରୀ ଜବତ କରିଛନ୍ତି।

ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ସୂଚନା ଆଧାରରେ, ସୁରକ୍ଷା ବଳ ମାଥିଲି ଥାନା ଅନ୍ତର୍ଗତ କିର୍ମିଟି ଓ କଟୁଆପଡ଼ାର ଜଙ୍ଗଲ ଅଞ୍ଚଳରେ ବ୍ୟାପକ ଖାନତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଛତିଶଗଡ଼ ସୀମା ବସ୍ତର ସୀମାକୁ ଲାଗିରହି ଥିବା ଏହି ଅଞ୍ଚଳ ରୁ ଆଜି ସକାଳ ପ୍ରାୟ ୫:୩୦ ସମୟରେ ସୁରକ୍ଷା ବାହିନୀ ମାଓବାଦୀଙ୍କ ଏହି ଅସ୍ତ୍ର ଭଣ୍ଡାର ଠାବ କରିଥିଲେ। ଜବତ ହୋଇଥିବା ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସ୍ପେଶାଲ୍ ଜୋନାଲ୍ କମିଟିର କ୍ୟାଡରଙ୍କର ବୋଲି ଅନୁମାନ କରାଯାଉଛି। ଏହି ସାମଗ୍ରୀ ନିରୀହ ଲୋକ ଓ ସୁରକ୍ଷା ବଳଙ୍କୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ପୋଲିସ ସନ୍ଦେହ କରୁଛି।

ଜବତ ସାମଗ୍ରୀ ତାଲିକା ସାମଗ୍ରି ଗୁଡିକ ମଧ୍ୟରେ ୫୦ଟି ଖାଲି ଡିଟୋନେଟର୍ କ୍ୟାପ୍, ୬ଟି କ୍ରାକର, ୩.୫ କେଜି ବାରୁଦ, ୨୦ କେଜି ସ୍ଲିଣ୍ଟର୍ ଆଇଇଡି ତିଆରି ସାମଗ୍ରୀ, ଗୋଟିଏ ବଣ୍ଡଲ୍ ତାର, ଚାରିଟି ରୁଟ୍ସ ଅଟୋ ଡିଭାଇସ୍, ତାର ସହିତ ଦୁଇଟି ରୁଟ୍ସ ଡିଭାଇସ୍, ଗୋଟିଏ ବଣ୍ଡଲ୍ କୋଡେକ୍ସ ତାର, ଗୋଟିଏ ରିଚାର୍ଜେବଲ୍ ବ୍ୟାଟେରୀ ସହ ୧୫ଟି ଏଚ୍ପି ପ୍ରିଣ୍ଟର୍ କାର୍ଟ୍ରିଜ୍, ୧୯ଟି ଡିସପୋଜେବଲ୍ ସିରିଞ୍ଜ୍, ୧୫ ବଣ୍ଡଲ୍ ଅବଜର୍ବେଣ୍ଟ ଗଜ୍ କଟନ୍, ୧୦ଟି ସାଲାଇନ୍ ବୋତଲ ସହ ୧୦ଟି ସାଲାଇନ୍ ପାଇପ୍, ଗୋଟିଏ ପଲିଥିନ୍ ତମ୍ବୁ, ଗୋଟିଏ କମର ବେଲ୍ଟ, ତିନିଟି ହାଭରସ୍ୟାକ୍ ବ୍ୟାଗ୍, ଗୋଟିଏ ଛୁରୀ, ଦୁଇଟି କଇଁଚି, ଗୋଟିଏ ଜ୍ୟାକ୍, ଦୁଇଟି ଛୋଟ ସ୍କ୍ରୁଡ୍ରାଇଭର୍ ଏବଂ କିଛି ମାଓବାଦୀ ପୁସ୍ତକ ରହିଛି। ଏହି ସଫଳ ଅଭିଯାନ ପରେ ମାଓବାଦୀ କ୍ୟାଡରଙ୍କୁ ଖୋଜିବା ଓ ଅନ୍ୟ ଅସ୍ତ୍ର ଶସ୍ତ୍ର ଠାବ କରିବା ପାଇଁ ସୀମାନ୍ତ ଜଙ୍ଗଲ ଅଞ୍ଚଳରେ ବ୍ୟାପକ କୁମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜାରି ରହିଛି।

ଆଜି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସ୍ପି ବିନୋଦ ପାଟିଲ ମାଓବିରୋଧି ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଓ ଯବାନଙ୍କ ମିଳିତ ଟିମ୍ ଏହି ଅପରେସନ୍ କରିଥିଲେ।

ଏସଆଇଆର ପ୍ରକ୍ରିୟା ନେଇ ବ୍ଲକସ୍ତରୀୟ ସମୀକ୍ଷା ଓ ଭୋଟର ସଚେତନତା ଶିବିର ଅନୁଷ୍ଠିତ

ମାଲକାନଗିରି, ୯।୬ (ଆନିସ): ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ବ୍ଲକରେ ପ୍ରଶାସନିକ ସମୀକ୍ଷା ବୈଠକ ଏବଂ ସ୍ୱିପ୍ ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ଏହି କ୍ରମରେ ୧୪୭ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଥିଲି ବ୍ଲକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ଇଆରଓ ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମାଥିଲି ବିଡିଓ-ତଥା-ଏଇଆରଓ ଏବଂ ସହକାରୀ କଲେକ୍ଟର ନିର୍ବାଚନ ଉପସ୍ଥିତ ରହି କାର୍ଯ୍ୟ ଅଗ୍ରଗତି ଯାଞ୍ଚ କରିଥିଲେ। ଅନୁରୂପ ଭାବେ, ଚିତ୍ରକୋଣ୍ଡା ବ୍ଲକରେ ମଧ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ବିଏଲଓ ଏବଂ ସୁପରଭାଇଜରମାନଙ୍କୁ ନେଇ ଏକ ବୈଠକ କରାଯାଇ ଏନୁମେରେସନ ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ ପ୍ରକ୍ରିୟାର ସମୀକ୍ଷା କରାଯାଇଛି, ଯେଉଁଥିରେ ଚିତ୍ରକୋଣ୍ଡା ବିଡିଓ-ତଥା-ଏଇଆରଓ ଏବଂ ସମସ୍ତ ନିର୍ବାଚନ କର୍ମଚାରୀ ସାମିଲ ଥିଲେ।ଅପରପକ୍ଷେ, ୧୪୬ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଲକାନଗିରି ବ୍ଲକର ଏସଆଇଆର ୨୬ ପ୍ରକ୍ରିୟାର ଅଗ୍ରଗତି ନେଇ ଉପଜିଲ୍ଲାପାଳ ତଥା ଇଆରଓ ଏକ ସ୍ୱତନ୍ତ୍ର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମସ୍ତ ବିଏଲଓ, ସୁପରଭାଇଜର, କାର୍ଯ୍ୟରେ ପଛୁଆ ଥିବା ବିଏଲଓ ଏବଂ ସଂଶ୍ଳିଷ୍ଟ ଟ୍ୟାଗ୍ଡ ଅଧିକାରୀମାନଙ୍କୁ କାର୍ଯ୍ୟରେ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଭୋଟରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭୋଟର ସଚେତନତା ଫୋରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏସଆଇଆର ପ୍ରକ୍ରିୟା ପରିଚାଳନା, ଅନଲାଇନ ଏନୁମେରେସନ ଫର୍ମ ପୂରଣ ଏବଂ ୨୦୦୨ ଭୋଟର ତାଲିକାରୁ ସହଜରେ ନାମ ଖୋଜିବା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାରେ ଏକ ସ୍ୱଚ୍ଛ ଓ ସତେଜ ଭୋଟର ତାଲିକା ପ୍ରସ୍ତୁତ କରିବାରେ ବେଶ ସହାୟକ ହେବ।

ପୁରୀ ଦର୍ଶନରୁ ଫେରିବା ବେଳେ ଦୁର୍ଘଟଣା
କାର୍ ଟୁରମାର୍ ,୪ ଗୁରୁତର ବ୍ରହ୍ମପୁର ସ୍ଥାନାନ୍ତର

ପୋଲସରା,୯।୬ (ଆନିସ): ମଥୁରା ଠାରୁ ଉସ୍ତାପଡାର ଅନ୍ଧାର ରାସ୍ତା ପାଲଟିଛି ଦୁର୍ଘଟଣାର ହସସ୍ପର୍ଟ । ଦିନକୁ ଦିନ ପ୍ରତି ବର୍ଷ ଏହି ରାସ୍ତା ଉପରେ ଜିଅନ୍ତା ମଣିଷ ପାଲଟି ଯାଉଛନ୍ତି ଶବ । ଯାହା ଏହି ଗୋଟିଏ ସପ୍ତାହ ତଳେ ପୁରୀ ରୁ ଫେରୁଥିବା ବେଳେ ମଥୁରା ରାସ୍ତାରେ ଗୋଟିଏ ବୁଲେରୋ ଦୁର୍ଘଟଣା ଗ୍ରସ୍ତ ହୋଇ ୯ ଜଣ ଆହତ ହୋଇଥିଲେ । ବର୍ତ୍ତମାନ ଫୁଣି ଗତକାଲି ଗୋଟାଏ ବିଳମ୍ବିତ ରାତିରେ ନିଜ ପରିବାର ସହ ପୁରୀରୁ ନିଜ ଗାଁ ବୁଗୁଡା କୁ ଆସୁଥିବା ଏକ ପରିବାର ପୋଲସରା ଥାନା ଉସ୍ତାପଡା ଛକ ଠାରେ ଭାରସାମ୍ୟ ହରାଇ ଏକ ନାଲି ଏର୍ଟିକା କାର୍ ଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ଯେଉଁଠି ଦୁର୍ଘଟଣା ସମୟରେ କାର୍ ବସିଥିବା ବୁଗୁଡା ଅଞ୍ଚଳର ଡ଼ଙ୍କର ମାନସ ରଞ୍ଜନ ରାଉତ (୩୫),ସୁନୀତା ରାଉତ (୫୫), ସୌଦାମିନୀ ତରାଇ (୫୦) ଓ ସୁମନ ନାୟକ (୨୬) ସମସ୍ତ ପରିବାର ସଦସ୍ୟ ଗୁରୁତର ଆହତ ଅବସ୍ଥାରେ କାର୍ ମଧ୍ୟରେ ଫସି ରହିଥିଲେ । ଖବର ପାଇ ପୋଲସରା ଅଗ୍ନିଶମ ବିଭାଗର କର୍ମଚାରୀ ଗୁରୁତର ୪ ଜଣ ଆହାତ ଙ୍କୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣି ପ୍ରାର୍ଥମିକ ଚିକିତ୍ସା କରାଯାଇଥିଲେ । ଯେଉଁଠି ଦୁର୍ଘଟଣାରେ ଦୁଇ ମହିଳା ଓ ପୁରୁଷଙ୍କ ହାତ , ମୁଣ୍ଡ , ଛାତି ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ସାଙ୍ଗକୁ ଗାଡ଼ିର କାଚର ଜିନ୍ଧି ଅଂଶ ସୁମନଙ୍କ ମୁହ ଏବଂ ମୁଣ୍ଡରେ କ୍ଷତ ସୃଷ୍ଟି କରିଥିଲା । ଯାହା ଦୁର୍ଘଟଣା ଘଟିଥିବା ଏର୍ଟିକା ଗାଡ଼ିର ରୁପରଙ୍ଗ ଦେଖିଲେ ଏମିତି ଲାଗୁଛି ଗାଡ଼ି ଗାଡ଼ିରେ ବସିଥିବା ଲୋକଙ୍କ ମୃତ୍ୟୁ ସୁନିଶ୍ଚିତ ହୋଇଥିବ । ହେଲେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ଫେରୁଥିବା ବ୍ୟକ୍ତି ବିଶେଷଙ୍କ ସେପରି କୌଣସି ମୃତହାତ ହୋଇନଥିବା ଘଟଣାର ଚକ୍ରକୁ ସଂପୂର୍ଣ୍ଣ ଆଚମ୍ବିତ କରି ଦେଇଥିଲା ସ୍ଥାନୀୟ ଲୋକଙ୍କୁ । ଯାହା ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ଅଳ୍ପକେ ଏହି ପରିବାର ମୃତ୍ୟୁ ମୁହଁରୁ ବର୍ତ୍ତି ଯାଇଥିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଯାହା ଘଟଣାର ପରେ ପରେ ପୋଲସରା ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ଗୁରୁତର ଥିବା ୪ ଜଣଙ୍କୁ ପୋଲସରା ସ୍ୱାସ୍ଥ୍ୟ ଗୋଷ୍ଠୀ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ପରେ ଉପସ୍ଥିତ ଡାକ୍ତର ଗୁରୁତର ଜାଣି ୧୦୮ ଆମ୍ବୁଲାନ୍ସ ଦ୍ୱାରା ସମସ୍ତ ଚାରିଜଣଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ କୁ ସ୍ଥାନାନ୍ତରିତ କରିଥିଲେ । ଅନ୍ୟ ପଟେ ଘଟଣା ସ୍ଥଳରେ ପୋଲସରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ପୋଲସରା ଥାନାକୁ ଆଣି ଦୁର୍ଘଟଣାର ପ୍ରମୁଖ ଦିଗ ଗୁଡ଼ିକୁ ଯାଞ୍ଚ କରୁ ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ କୌଶିକ୍ ମାଝୀ ସୂଚନା ପ୍ରଦାନ କରିଛନ୍ତି ।

ଲକ୍ଷ୍ମୀ ବଜାର ଆକାଶରେ ଉଡିଲା ଶହ ଶହ ବାଦୁଡି

ଘୁ.ଉଦୟଗିରି,୯।୬ (ଆନିସ): ଘୁ.ଉଦୟଗିରି ସ୍ଥିତ ଲକ୍ଷ୍ମୀ ବଜାରରେ ସୋମବାର ସନ୍ଧ୍ୟା ସମୟରେ ଆକାଶରେ ହଟାତ୍ ଶହ ଶହ ବାଦୁଡି ଉଡୁଥିବା ଦେଖିବାକୁ ମିଳିଥିଲା।କୁଆଡୁ ଆସିଲେ ଏତେ ସଂଖ୍ୟକ ବାଦୁଡି କେହି କିଛି ଜାଣିବା ଆଗରୁ କିଛି ସମୟ ଆକାଶରେ ଉଡିବା ପରେ ପୁଣି କୁଆଡେ ଅର୍ନ୍ତଧାନ ହୋଇଗଲେ ତାହା ବି କେହି ଜାଣିପାରିଲେ ନାହିଁ।ଏତେ ସଂଖ୍ୟକ ବାଦୁଡି ଏକା ସାଙ୍ଗରେ ଉଡିବା ଦେଖି ଲୋକେ ଭୟଭୀତ ହେବା ସହ ଆଶ୍ଚର୍ଯ ମଧ୍ୟ ହୋଇ ଯାଇଥିଲେ।ତେବେ ବାଦୁଡି ଅର୍ନ୍ତଧାନ ହେବା ପରେ ଏତେ ସଂଖ୍ୟକ ବାଦୁଡି ଆକାଶରେ ଉଡିବା କି ସଙ୍କେତ ଦେଇଛି ଏହା ଲୋକଙ୍କମନରେ ପ୍ରଶ୍ନବାଚୀ ସୃଷ ହୋଇଛି।

ପ୍ରବାସୀ ଶ୍ରମିକମାନଙ୍କର ସାମାଜିକ, ଆର୍ଥିକ, ଆଇନଗତ ସମସ୍ୟା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର, ୯।୬ (ଆନିସ): ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବ୍ରହ୍ମପୁରର ଆନୁକୂଲ୍ୟରେ ମଙ୍ଗଳବାର ଭଞ୍ଜନଗରସ୍ଥିତ ଆଁ.ଏମ୍.ସି. ସମ୍ମିଳନୀ କକ୍ଷରେ ''ପ୍ରବାସୀ ଶ୍ରମିକମାନଙ୍କ ସପ୍ତାହୀୟ ବିଭିନ୍ନ ସମସ୍ୟା ଏବଂ ମୌଳିକ କର୍ତ୍ତବ୍ୟ'' ଶୀର୍ଷକ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ୟାମକେଶ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜନଗରର ସିନିୟର ସିଭିଲ ଜଜ ଦେବାଶିଷ ବିଶୋଇ ଏବଂ ଏସ୍.ଡି.ଜେ.ଏମ୍. ସୌମ୍ୟରଞ୍ଜନ ପୃଷ୍ଟି ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରବାସୀ ଶ୍ରମିକମାନଙ୍କର ସାମାଜିକ, ଆର୍ଥିକ ଓ ଆଇନଗତ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା, ନିଶୁଳ୍କ ଆଇନ ସହାୟତାର ସୁବିଧା ଏବଂ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ବକ୍ତାମାନେ କହିଥିଲେ ଯେ, ଆଇନ ପ୍ରତି ସଚେତନତା ବୃଦ୍ଧି ପାଇଲେ ପ୍ରବାସୀ ଶ୍ରମିକମାନେ ନିଜ ଅଧିକାର ସମ୍ପର୍କରେ ଅବଗତ ହୋଇପାରିବେ ଏବଂ ସମାଜରେ ନ୍ୟାୟ, ସମାନତା ଓ ସାମାଜିକ ସୁରକ୍ଷା ପ୍ରତିଷ୍ଠା କରିବାରେ ଏହା ସହାୟକ ହେବ।

କାର୍ଯ୍ୟକ୍ରମରେ ବହୁ ପ୍ରବାସୀ ଶ୍ରମିକ, ସାମାଜିକ କର୍ମୀ ଏବଂ ସାଧାରଣ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ଆୟୋଜକ ପକ୍ଷରୁ ସମସ୍ତ ଅତିଥି ଓ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

ଆରପାରିକୁ ଚାଲିଗଲେ ୭୦ ଦଶକର ଡାକ୍ତର ସଦାନନ୍ଦ ସାମନ୍ତରା
୫୫ବର୍ଷ ଧରି କରୁଥିଲେ ରୋଗୀସେବା

ର ଙ୍ଗେ ଇ ଲୁ ଣ୍ଡା, ୯।୬ (ଆନିସ):ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳର ମୋଉଡମଣୀ ତଥା ରୋଗୀ ସେବାରେ ସମର୍ପିତ ଡାକ୍ତର ସଦାନନ୍ଦ ସାମନ୍ତରାୟ ଆଜି ମଙ୍ଗଳବାର ସକାଳ ୯ଘଣ୍ଟା ସମୟରେ ୮୭ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏକ ଘୋରେଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି । ଖବର ପାଇ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ରଣ୍ଟାର ଗ୍ରାମର ବାସିନ୍ଦା ଡା.ସଦାନନ୍ଦ ସାମନ୍ତରା । ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସଭିଙ୍କ ଗହଣରେ ସଦାନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ଥିଲେ, ଦେହରେ ବଳ କମିଥିଲେ ବି ରୋଗୀ ସେବା ଜାରି ରଖିଥିଲେ, ଜଣେ କର୍ତ୍ତବ୍ୟନିଷ୍ଠ ଡାକ୍ତର ଭାବେ ପରିଚୟ ତିଆରି କରିଥିଲେ ସଦାନନ୍ଦ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନିରନ୍ତର ଭାବେ ରୋଗୀଙ୍କୁ ସେବା ଜାରି ରଖିଥିଲେ ଡାକ୍ତର ସଦାନନ୍ଦ ସାମନ୍ତରାୟ। ଗତ କିଛି ମାସ ହେବ ତାଙ୍କ ଶରୀର ଅସୁସ୍ଥ ହେବାରୁ ପ୍ରଥମେ ବ୍ରହ୍ମପୁର ଏବଂ ପରେ ଭୁବନେଶ୍ୱରର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ, ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ବିୟୋଗ ହୋଇଛି । ସଦାନନ୍ଦ ୧୯୪୦ ମସିହାରେ ରଣ୍ଟା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବାପା ଅକ୍ରୁର ସାମନ୍ତରା ଓ ମାଆ ଉଲି ସାମନ୍ତରା । ପିଲାଟି ଦିନରୁ ମେଧାବୀ ଛାତ୍ର ଥିଲେ ସଦାନନ୍ଦ । ୧୯୬୩ ମସିହାରେ ସଦାନନ୍ଦ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜା ମେଡ଼ିକାଲ କଲେଜରେ ଡାକ୍ତରୀ ଶିକ୍ଷା ଆରମ୍ଭ କରି ୧୯୭୦ ରେ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ କିନ୍ତୁ ଚାକିରି ନକରି ଗାଁରେ ହିଁ ରହି ଲୋକମାନଙ୍କ ସେବା ଆରମ୍ଭକରିଥିଲେ ସଦାନନ୍ଦ । ଆଜି ତାଙ୍କ ମୃତ୍ୟୁ ଖବର ଶୁଣି ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀରକୁ ନିଜ ଗ୍ରାମ ରଣ୍ଟାକୁ ଆଣି ଦୀର୍ଘ ୫୫ବର୍ଷ ଧରି ନିଜର ଯେଉଁ ଘରେ ରୋଗୀସେବା କରୁଥିଲେ ସେଠାରେ ଅନ୍ତିମ ଦର୍ଶନ ପାଇଁ ରଖାଯାଇଥିଲା ଏବଂ ବହୁ ବରିଷ୍ଠ ବ୍ୟକ୍ତି, ଅଞ୍ଚଳର ଶତାଧିକ ଲୋକ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ, ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ପ୍ରଫେସର ଡାକ୍ତର ସୁକାନ୍ତି ପାଣିଗ୍ରାହୀ,ପୁଅ ରାଜା ଏବଂ ଦୁଇ ଝିଅ ଡ଼ଲି ଏବଂ ଝିଲି ଉପସ୍ଥିତ ଥିଲେ । ଶୋକାକୁଳ ପରିବେଶ ଭିତରେ ସଦାନନ୍ଦଙ୍କ ପାର୍ଥିବ ଶରୀରକୁ ଗାଁ ସାରା ପରିକ୍ରମା କରି ଶେଷରେ ଗ୍ରାମର ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କରିଥିଲେ, ଶତାଧିକ ଅଞ୍ଚଳବାସୀ, ଗ୍ରାମବାସୀ ଏବଂ ବହୁ ବରିଷ୍ଠ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

ତପ୍ତପାଣି ଘାଟିରେ ଓଲଟିଲା କାର: ମରଣ ମୁହଁରୁ ବର୍ତ୍ତିଗଲେ ଶିକ୍ଷୟିତ୍ରୀ

ଦିଗପହଣ୍ଡି,୯।୬(ଆନିସ): ଗଞ୍ଜାମ – ଗଜପତି ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟି ରାସ୍ତାର ବେଲଗଡ ଗ୍ରାମ ନିକଟ ବୁଲାଣିରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ ଟାରେ ଏକ କାର (ନଂ.ଓଆ୦୫ଏଏନ – ୨୧୭୩) ଓଲଟି ପଡିବାରୁ ଜଣେ ଶିକ୍ଷୟିତ୍ରୀ ମରଣ ମୁହଁରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଶିକ୍ଷୟତ୍ରୀ ଜଣକ ହେଲେ ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମର ଦୀନବନ୍ଧୁ ପ୍ରଧାନଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ। ସନ୍ଧ୍ୟାରାଣୀ ଗଜପତି ଜିଲ୍ଲା ମୋହନା ବ୍ଲକ କିରିମା ଗ୍ରାମ ସ୍ଥିତ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଅଛନ୍ତି। ଗ୍ରୀଷ୍ମ ଛୁଟି ଯୋଗୁଁ ସ୍କୁଲ ବନ୍ଦ ଥିବାବେଳେ ରୋଷ୍ଟର ଡ୍ୟୁଟି ସାରି ସେ ଫାସିଗୁଡ଼ା ଗ୍ରାମ ଅଭିମୁଖେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସାମାନ୍ୟ ଆହାତ ହୋଇଥିବା ଶିକ୍ଷୟତ୍ରୀ ଜଣକ ସାହସ ର ସହ କାର ଡୋର ଖୋଲି ବାହାରକୁ ଆସିଥିଲେ। ପରେ ରାସ୍ତାରେ ଯା ଆସ କରୁଥିବା କିଛି ବ୍ୟକ୍ତି ସାନଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷୟତ୍ରୀ ଙ୍କୁ ନେଇ ପୋଡ଼ାମାରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ।ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡ଼ି ଦିଆଯାଇଛି।ଖବର ପାଇ ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ଅଧିକାରୀ ଏସ.ଆଇ ପ୍ରଭାତ କୁମାର ବାଲିକାନା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।ଏନେଇ କେହି ଥାନାରେ ଏତଲା ଦେଇନଥିବା ଜଣାପଡିଛି।

କୁଚିଣ୍ଡାରେ ଚୈତ୍ର ମଣ୍ଡଳ ଜାତି ଜନଜାତି ସମାବେଶ, ନୂତନ କର୍ମକର୍ତ୍ତା ଚୟନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

କୁଚିଣ୍ଡା, ୯।୬ (ଆନିସ): କୁଚିଣ୍ଡା ପୂର୍ବ ବିଭା

ରକ୍ତଦାନ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୯।୬ (ଆନିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ ସୀଙ୍ଗେଶ୍ୱର ପଞ୍ଚାୟତ ମଠପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ପି ଜି ଆଇ ଏମ୍ ଇ ଆର୍ ଓ ରାଜଧାନୀ ହସ୍ପିଟାଲ, ଭୁବନେଶ୍ୱର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓମ୍ କୁମାର ଦେବଦତ୍ତଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ର ସ୍କାଉଟ ଛାତ୍ର ଛାତ୍ରୀ ମାନେ ଓ ପଲ୍ଲବୀ ନାଟ୍ୟକଳା ପରିଷଦ ଘିଅଖଲା ମଠପୁର ସହାୟତା କରିଥିଲେ।ମୋଟ୫୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିପାଇଁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସମସ୍ତ ରକ୍ତଦାତା ଓ ସ୍ୱେଚ୍ଛାସେବୀ ମାନଙ୍କୁ ସାଧୁବାଦ ପ୍ରଦାନ କରାଯାଇଛି।

ଏନସିସି କ୍ୟାଡେଟଙ୍କୁ ମହିଳା ଓ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ତାଲିମ ପ୍ରଦାନ

କେନ୍ଦୁଝର,୯।୬ (ଆନିସ): ଗତ ଜୁନ ୧ ତାରିଖରୁ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରର ଆରମ୍ଭ ହୋଇଥିବା ଏନସିସି କ୍ୟାମ୍プ ଶିବିରର ସପ୍ତମ ଦିନରେ ପ୍ରକଳ୍ପର ପ୍ରତିଷ୍ଠାତା ବିପ୍ଳବ ମିଶ୍ର ଏବଂ ସଖୀ-ୱାନ ଷ୍ଟପ ସେଣ୍ଟରର

କେଶ ୱାର୍କର ତାସ୍ମୁମ ବେଗମ ଯୋଗଦେଇ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଏବଂ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ କେନ୍ଦୁଝର ସଦର ମହକୁମା ଡାକ୍ତରଖାନା ପରିସରରେ ଅବସ୍ଥିତ ସଖୀ-ୱାନ ଷ୍ଟପ ସେଣ୍ଟର ତରଫରୁ ଦିଆ ଯାଉଥିବା ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରିବା ସଙ୍ଗେ ସଙ୍ଗେ ସାମାଜିକ ଜୀବନରେ ମହିଳା ମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ।ଘରୋଇ ହିଂସା, ଧର୍ଷଣ, ଯୌନ ନିର୍ଯ୍ୟାତନା,ନିଖୋଜ,ଏସିଡ଼ ଆକ୍ରମଣ,ଶିଶୁ ଯୌନ ନିର୍ଯ୍ୟାତନା,ବାଲ୍ୟ ବିବାହ,ସାଇବର ଅପରାଧ, ଯୌତୁକ ନିର୍ଯ୍ୟାତନା ଆଦି ଉପରେ ଆଲୋଚନା ହୋଇ ଏହି ସମ୍ପର୍କରେ ଥିବା ଆଇନଗତ ସୁରକ୍ଷା ବିଧିବ୍ୟବସ୍ଥା ଉପରେ ବିଶେଷ ଆଲୋଚନା ହୋଇଥିଲା।

ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ବିପ୍ଳବ ମିଶ୍ର ମହିଳା ମାନଙ୍କ ପାଇଁ ଉପଲବ୍ଧ ସାମ୍ବିଧାନିକ ସୁରକ୍ଷା ଓ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥା ସମ୍ପର୍କର ବିଭିନ୍ନ ଉଦାହରଣ ସହ ବିଶଦ ଭାବରେ ଆଲୋଚନା କରିଥିଲେ।

ସମ୍ବିଧାନର ଧାରା ୧୪,୧୫,୧୫(୩), ୧୬,୩୯(ଏ) ଏବଂ (ଡି)କୁ ତର୍ଜମା କରି ଏହା କିପରି ମହିଳା ମାନଙ୍କୁ ସହାୟତା କରୁଛି ଆଲୋଚନା କରାଯାଇଥିଲା ଅନ୍ୟାନ୍ୟ ମୁଖ୍ୟ ଆଇନ ଯଥା ଯୌତୁକ ନିରୋଧ ଆଇନ, ୧୯୬୧, ଘରୋଇ ହିଂସା ସୁରକ୍ଷା ଆଇନ,୨୦୦୫,କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯ୍ୟାତନା ଆଇନ,୨୦୧୩, ସମାନ ମଜୁରୀ ଆଇନ ୧୯୬୬,ପ୍ରସବକାଳୀନ ସୁବିଧା ଆଇନ ୧୯୬୧ ଏବଂ ୨୦୧୬ ସମ୍ପର୍କରେ ସମସ୍ତଙ୍କୁ ଅବଗତ ଜରାଯାଇଥିଲା।

ଏହି କାର୍ଯ୍ୟକ୍ରମ କମାଣ୍ଡର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ, ଲେଫ୍ଟନାଣ୍ଟ କର୍ନେଲ ମୟୁର ଘାଡଗେ ଏବଂ ସୁବେଦାର ମହମ୍ମଦ ସାହିଦଙ୍କ ନେତୃତ୍ୱରେ ସୁନ୍ଦର ଭାବେ ଆୟୋଜିତ ହୋଇଥିଲା। କେଶ ୱାର୍କର ଜ୍ୟୋତିର୍ମୟୀ ରଣା ଏଥିରେ ସହଯୋଗ କରିଥିଲେ।ଏହି ଶିବିରରେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରୁ ୬୦୦ ଏନସିସି କ୍ୟାଡେଟ ଯୋଗଦେଇଥିଲେ।

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦୁଝର ଶାଖାର କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର,୯।୬ (ଆନିସ): ସୋମବାର ଦିନ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦୁଝର ଜିଲ୍ଲା ଶାଖାର ୫୬ତମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ହଳଦିଆଟାଙ୍ଗିରି, କେନ୍ଦୁଝର ଠାରେ ସଂଘର ସ୍ଥାୟୀ ସଭାପତି ଶ୍ରୀ ଦିଲ୍ଲୀପ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଂଘର ସମସ୍ତ ସଦସ୍ୟ ମାନଙ୍କ ସହ ଜିଲ୍ଲାର ୧୩ଟି ବ୍ଲକର କର୍ମକର୍ତ୍ତା ଓ ଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ। ଅତିଥି ଭାବରେ ରାଜ୍ୟ ସଂଘର ଉପସଭାପତି ଶ୍ରୀ ମନୋଜ କୁମାର ମହାନ୍ତ ଯୋଗଦାନ କରିଥିଲେ। ସମ୍ପାଦକ ଶ୍ରୀ ଉମାଶଙ୍କର ମିଶ୍ର ବୀବରଣୀ ପଠନ କରିବା ପରେ ସମସ୍ତ ପ୍ରସଙ୍ଗ ଗୁଡିକ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା। ବିଶେଷ କରି ଜିଲ୍ଲାରେ ଅଧିକରୁ ଅଧିକ ପିଲା କିପରି ପ୍ରମୋସନ ସୁବିଧା ପାଇବେ, ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କମିଟିର ରିପୋର୍ଟ ପ୍ରଦାନରେ ଅହେତୁକ ବିଳମ୍ବ, ରାଜ୍ୟ ସ୍ତରୀୟ ଆନ୍ଦୋଳନର ତର୍ଜମା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ଗ୍ରହଣ କରାଗଲା। ସଂଘର ବରିଷ୍ଠ ସଦସ୍ୟ ଲୁଲୁ ବାରିକ୍,ବିଜୟ ମିଶ୍ର, ପ୍ରଦୀପ ସାହୁ, ବିରେନ୍ଦ୍ର ସାହୁ,ବିଦ୍ୟାଧର ମହାନ୍ତ,ପ୍ରମୋଦ ମହାନ୍ତ ପ୍ରମୁଖ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ଶିରୀଶ୍ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ସୋଲପଟା ସେବା ସମବାୟ ସମିତି ଆର୍ଥିକ ଅନିୟମିତତା

ଜମାକାରୀଙ୍କ ଅଜାଣତରେ ଖାତାରୁ ଋଣ ଉଠିବା ନେଇ ଶରଣକୁଳ ଥାନାରେ ଅଭିଯୋଗ

ସମ୍ପାଦକଙ୍କ କଳା ସାମ୍ରାଜ୍ୟର ସୁରକ୍ଷା ପାଇଁ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଦାୟିତ୍ୱ ହସ୍ତାନ୍ତର

ଓଡ଼ଗାଁ ୦୯/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସୋଲପଟି ସେବା ସମବାୟ ସମିତିରେ ଜମାକାରୀଙ୍କ ଖାତାରୁ ଅଜଣା ଲୋକଙ୍କ ଦ୍ୱାରା ଋଣ ଉଠାଣ ନେଇ ଶରଣକୁଳ ଥାନାରେ ୨ଟି ପୃଥକ୍ ଅଭିଯୋଗ ହୋଇଥିବା ଜଣାପଡ଼ିଛି।ସେମାନେ ହେଲେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ସୋଲପଟା ଗ୍ରାମ ସମବାୟ ସମିତିର ସଭ୍ୟ ବାଳକୃଷ୍ଣ ଖଟେଇଙ୍କ ସ୍ତ୍ରୀ ସଞ୍ଜୁ ଖଟେଇ(୬୦) ଏବଂ ସେହି ଗ୍ରାମର ଅନ୍ୟ ଜଣେ ସ୍ୱର୍ଗତ ଶଙ୍କର ନାୟକଙ୍କ ସ୍ତ୍ରୀ ଅଲ୍ଲୀ ଦେଇ (୭୭) । ସଞ୍ଜୁ ଖଟେଇ ଗତ ୨୮ ତାରିଖରେ ମାଛିପଡ଼ା ଜନସେବା କେନ୍ଦ୍ରରେ ତାଙ୍କ ୟୁନିଅନ ବ୍ୟାଙ୍କ ଜମାଖତ। ଯାଞ୍ଚ କରିବାକୁ ଯାଇଥିବା ବେଳେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଶରଣକୁଳ ଶାଖାରେ ତାଙ୍କ ନାମରେ ତା. ୦୩.୦୩.୨୦୨୧ ମସିହାରେ ୦୦୧୦୫୩୦୧୮୯୩୬ ନମ୍ବର ବିଶିଷ୍ଟ ଏକ ଆକାଉଣ୍ଟ କେହି ଅଜଣା ବ୍ୟକ୍ତି ଖୋଲିଥିବା ଜାଣିବାକୁ ପାଇଥିଲେ। ଏବଂ ଏହାର ସତ୍ୟତା ଜାଣିବା ନିମନ୍ତେ ସେସୋଲପଟା ସମବାୟ ସମିତିକୁ ଯାଇ ସମ୍ପାଦକ ପଞ୍ଚାନନ ଦାଶଙ୍କୁ ସାକ୍ଷାତ କରି ଏସବୁ ଘଟଣା କହିବା ପରେ ସେ ସହଯୋଗ କରିବା ବଦଳରେ ଏସମ୍ପର୍କରେ ସେ କିଛି ଜାଣିନଥିବା କହି ଫେରେଇ ଦେଲେ। ସେଠାରୁ ନିରାଶ ହୋଇ ଫେରିବା ପରେ ଉକ୍ତ ଆକାଉଣ୍ଟକୁ ବ୍ୟବହାର କରି ଅଜଣା ବ୍ୟକ୍ତି ଜଣକ ଲକ୍ଷାଧିକ ଟଙ୍କାର ଋଣ ଉଠାଣ କରିଥିବା ନେଇ ଗତ ମେ ୨୯ ତାରିଖରେ ଶରଣକୁଳ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ସେହି ଗ୍ରାମର ଅନ୍ୟତମ ଅଭିଯୋଗ କାରି ଅଲ୍ଲୀ ଦେଇଙ୍କ ଅଭିଯୋଗ ଅନୁସାରେ ସେ ଦେଢବର୍ଷ ତଳେ କୃଷିଋଣ ପାଇବା ନିମନ୍ତେ ସମ୍ପାଦକ ପଞ୍ଚାନନ ଦାଶଙ୍କୁ କହିଥିଲେ। ହେଲେ ସମ୍ପାଦକ ଲୋନ୍ ହୋଇପାରିବନି କହି ତାଙ୍କୁ ଫେରାଇ ଦେଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ତାଙ୍କ ନାମରେ କେହି ୧୮୯୩୭ ନମ୍ବରରେ ଏକ ଜମାଖାତ ଖୋଲି ତାହା ମାଧ୍ୟମରେ ୧ ଲକ୍ଷ ଟଙ୍କା ଋଣ ଉଠାଣ କରିଥିବା ସେ ଜାଣିବାକୁ ପାଇଲେ । ସୂଚନା ଥାଉକି ଅଲ୍ଲୀ ଦେଇଙ୍କ ଠାରୁ ମଣ୍ଡିରେ ଧାନ ବିକ୍ରୟ କରାଇଦେବା ପାଇଁ ସମ୍ପର୍କୟ ଦିଅର ତାଙ୍କଠାରୁ ଆଧାର କାର୍ଡ ମାଗି ଆଣିଥିଲେ। ସମ୍ପର୍କୟ ଦିଅର ଅଲ୍ଲୀ ଦେଇଙ୍କ ନାମରେ ସମିତିରେ ଜମାଖାତା ଖୋଲି ଟଙ୍କା ଦେଣନେଣ କରୁଥିବା ନେଇ ଅଲ୍ଲୀ ଦେଇ ଶରଣକୁଳ ଥାନାରେ ଗତ ଜୁନ୍ ୭ ତାରିଖରେ ଅଭିଯୋଗ କରିବା ପରେ ଉଭୟ ଅଭିଯୋଗ କାରିଙ୍କ ନାମରେ ହୋଇଥିବା ଋଣ ଟଙ୍କା ସମ୍ପାଦକ ପଞ୍ଚାନନ ଦାଶ ଫେରାଇଥିଲେ।ସମ୍ପାଦକ ପଞ୍ଚାନନ ଦାଶ ୩୧.୦୫.୨୦୨୬ ରେ ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ଜୁନ୍ ୭ ତାରିଖରେ ଋଣ ଟଙ୍କା ଫେରାଇବା ଘଟଣା ସମ୍ପାଦକ ପଞ୍ଚାନନ ଦାଶଙ୍କ ଆର୍ଥିକ ଅନିୟମିତତାର ପର୍ଦ୍ଦାଫାଶ କରିଥିଲା। କେଜ ଉପରୋକ୍ତ ୨ ଜଣ ଜମାକାରୀ ନୁହଁନ୍ତି, ଏହିପରି ଅନେକ ଜମାକାରୀଙ୍କ ନାମରେ ସେମାନଙ୍କ ଅଜାଣତରେ ଋଣ ଦିଆ ନିଆ ହୋଇଥିବା ଧିରେ ଧିରେ ଜଣା ପଡୁଛି। ତେଣୁ ଅବସର ଗ୍ରହଣ ପୂର୍ବରୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଦେଶିତ କର୍ମଚାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର ନକରି ନିଜର ଆର୍ଥିକ ଅନିୟମିତତାର କଳା ସାମ୍ରାଜ୍ୟକୁ ସୁରକ୍ଷା ଦେବାକୁ ଯାଇ ସମିତିର ଡାଟା ଏଣ୍ଟ୍ରି ଅପରେଟର ପ୍ରଦୀପ କୁମାର ନାୟକଙ୍କୁ ବେଆଇନ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କାରଣ ଡାଟା ଏଣ୍ଟ୍ରି ଅପରେଟର ପ୍ରମୋସନ ମାଧ୍ୟମରେ ସମ୍ପାଦକ ଭାବେ ଦାୟିତ୍ୱ ନେବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଅବସର ଗ୍ରହଣ କରିବା ବେଳେ ପଞ୍ଚାନନ ଦାଶଙ୍କ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ଏକ ସୁପରିକଳ୍ପିତ ଯୋଜନା ପରି ମନେହୁଏ।କାରଣ ୨୦୧୧ ପରେ ଚାକିରୀ କରିଥିବା କୌଣସି କର୍ମଚାରୀଙ୍କ ପ୍ରମୋସନ ହୋଇପାରିବ ନାହିଁ। ତେବେ ଏହି ବଡ଼ ଧରଣର ଆର୍ଥିକ ଅନିୟମିତତାକୁ ନେଇ ସମିତିର ଡାଇରେକ୍ଟର ବିନୟ କୁମାର ବରାଡ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ବିଭାଗୀୟ ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ଏବଂ ଭିଜିଲାନ୍ସ ତଦନ୍ତ ପାଇଁ ମଧ୍ୟ ସେ ଦାବି କରିଛନ୍ତି।

ଆମ ଆଦମୀ ପାର୍ଟିର ସାଂଗଠନିକ ବୈଠକ ଅନୁଷ୍ଠିତ

କେନ୍ଦୁଝର, ୯।୬ (ଆନିସ): ଆମ ଆଦମୀ ପାର୍ଟି (ଆପ୍) କେନ୍ଦୁଝର ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଝରଣା ନାଏକଙ୍କ ନେତୃତ୍ୱରେ ଏବଂ ଝୁମ୍ପୁରା ବ୍ଲକ ସଭାପତି ଦିଲେଶ୍ୱର ମହାନ୍ତଙ୍କ ସଂଯୋଜନାରେ

ନହବେଡା ଓ ଖେଣ୍ଡରା ପଞ୍ଚାୟତର କର୍ମୀମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଳର ସାଂଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା, ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବା ଏବଂ ଗ୍ରାମାଞ୍ଚଳରେ ଦଳୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।ବୈଠକରେ ରଞ୍ଜିତ ମହାନ୍ତ, ଅର୍ଜୁନ ମହାନ୍ତ, ଯତୀନ୍ଦ୍ର ନାଏକ, ଗୋପାଳ ମହାନ୍ତ, ସୁରେଶ ମହାକୁଡ଼, ଭୀମସେନ ମହାନ୍ତ, ବିଦ୍ୟାଧର ମହାନ୍ତ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ। ସମସ୍ତେ ଦଳର ସଂଗଠନକୁ ଆହୁରି ମଜବୁତ କରିବା ସହ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଏକତାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ବୈଠକ ଶେଷରେ ଆଗାମୀ ଦିନରେ ଗ୍ରାମ ସ୍ତରରେ ଦଳର ଜନସମ୍ପର୍କ ଅଭିଯାନକୁ ଆହୁରି ଜୋରଦାର କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ମୁଲ୍ଲାନପୁର ଟେଷ୍ଟ ମ୍ୟାଚ ଜିତିଲା ଭାରତ

ହାଇଦ୍ରାବାଦ: ମୁଲ୍ଲାନପୁର ଷ୍ଟାଡିୟମରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଆଫଗାନିସ୍ତାନକୁ ଗୋଟିଏ ଇନିଂସ ଏବଂ ୩୦୦ ରନ୍‌ରେ ପରାସ୍ତ କରିଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ଏହା ଟିମ୍ ଇଣ୍ଡିଆର ସବୁଠାରୁ ବଡ଼ ବିଜୟ ଥିଲା। ଏହି ଟେଷ୍ଟ ମ୍ୟାଚ୍ ତୃତୀୟ ଦିନର ତୃତୀୟ ସେସନ୍ ରେ ହିଁ ଶେଷ ହୋଇଯାଇଥିଲା। ଇନିଂସ ବ୍ୟବଧାନ ହିସାବରେ ଟେଷ୍ଟ କ୍ରିକେଟରେ ଭାରତୀୟ ଦଳର ଏହା ସବୁଠାରୁ ବଡ଼ ବିଜୟ ଥିଲା। ଏହା ପୂର୍ବରୁ ଭାରତ ଅକ୍ଟୋବର ୨୦୧୮ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ରାଜକୋଟ ମଇଦାନରେ ଏକ ଇନିଂସ ଏବଂ ୨୭୨ ରନରେ ବିଜୟ ହାସଲ କରିଥିଲା। ଏହି ମୁକାବିଲାରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଦଳ ନିଜର ପ୍ରଥମ ଇନିଂସରେ ୮ ୱିକେଟ୍ ହରାଇ ୫୬୪ ରନ୍ କରି ପାଳି ଘୋଷଣା କରିଥିଲା। ଏହାପରେ ଆଫଗାନିସ୍ତାନ ଦଳ ନିଜର ପ୍ରଥମ ଇନିଂସରେ ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା ଏବଂ ଦଳକୁ ଫଲୋଅନ୍ ଖେଳିବାକୁ ପଡ଼ିଥିଲା। ପ୍ରଥମ ଇନିଂସ ଆଧାରରେ ଭାରତକୁ ୪୧୨ ରନର ଏକ ବଡ଼ ଅଗ୍ରଣୀ ମିଳିଥିଲା। ଏହାପରେ ଆଫଗାନିସ୍ତାନର ଦ୍ୱିତୀୟ ଇନିଂସ ମାତ୍ର ୧୧୨ ରନରେ ଅଲ୍ ଆଉଟ୍ ହୋଇ ଯାଇଥିଲା।ଫଲୋଅନ୍ ଖେଳିବାକୁ ଓହ୍ଲାଇଥିଲେ ମଧ୍ୟ ଆଫଗାନିସ୍ତାନ ଦଳର ଆରମ୍ଭ କିଛି ଭଲ ରହିନଥିଲା। ଅବ୍ଦୁଲ ମଲିକ ମାତ୍ର ୮ ରନ୍‌ର ବ୍ୟକ୍ତିଗତ ସ୍କୋରରେ ମହମ୍ମଦ ସିରାଜଙ୍କ ଶିକାର ହୋଇଥିଲେ। ଏଠାରୁ ଆଫଗାନିସ୍ତାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା। ଓପନର୍ ବ୍ୟାଟ୍ସମ୍ୟାନ୍ ସେଦିକୁଲ୍ଲା ଅଟଲ୍ ସର୍ବାଧିକ ୪୨ ରନ୍ କରିଥିଲେ। ଅନ୍ୟପଟେ ରହମାନୁଲ୍ଲା ଗୁରବାଜ୍ (୨୪ ରନ୍) ଏବଂ ରହମତ ଶାହ (୧୩ ରନ୍) ମଧ୍ୟ ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚିବାରେ ସଫଳ ହୋଇଥିଲେ। ସ୍ପିନ୍ ବୋଲର ୱାଶିଂଟନ୍ ସୁନ୍ଦର ଚାରିଟି ଏବଂ କୁଲଦୀପ ଯାଦବ ତିନୋଟି ସଫଳତା ହାସଲ କରିଥିଲେ। ଶରାଫୁଦ୍ଦିନ ଆହତ ହେବା କାରଣରୁ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇ ନଥିଲେ।ଏହି ମ୍ୟାଚ୍‌ର ସବୁଠାରୁ ବଡ଼ ସକାରାତ୍ମକ ଦିଗ ଭାରତୀୟ ଦଳ ପାଇଁ ମାନବ ସୁଧାରଙ୍କ ପ୍ରଦର୍ଶନ ରହିଥିଲା। ଡେବ୍ୟୁ ଟେଷ୍ଟରେ ସେ ପ୍ରଥମ ଇନିଂସରେ ଛଅଟି ଏବଂ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ନେଇ ମୋଟ ସାତଟି ୱିକେଟ୍ ହାସଲ କରିଥିଲେ। ନିଜର ସଠିକ୍ ଲାଇନ୍-ଲେଙ୍ଥ ଏବଂ ନିୟନ୍ତ୍ରଣ ଦ୍ୱାରା ସେ ଆଫଗାନିସ୍ତାନର ବ୍ୟାଟ୍ସମ୍ୟାନମାନଙ୍କୁ କ୍ରମାଗତ ଭାବେ ଚାପରେ ରଖିଥିଲେ ଏବଂ ମ୍ୟାଚ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଭାରତର ଏକ ଇନିଂସ ଏବଂ ୩୦୦ ରନ୍‌ର ଏହି ବିଜୟ ଟେଷ୍ଟ କ୍ରିକେଟ୍‌ରେ ଇନିଂସ ବ୍ୟବଧାନ ହିସାବରେ ଦଳର ସବୁଠାରୁ ବଡ଼ ବିଜୟ ପାଲଟିଛି। ଏହା ବ୍ୟତୀତ ଭାରତ ୨୦୨୩ ପରେ ପ୍ରଥମ ଥର ପାଇଁ ଘରୋଇ ମାଟିରେ ଟେଷ୍ଟ ମ୍ୟାଚ୍‌ରେ ୫୫୦ରୁ ଅଧିକ ରନ୍ ସଂଗ୍ରହ କରିଛି। ଅନ୍ୟପଟେ ୫୫୦୪ ରନ୍ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ କ୍ରିକେଟ୍‌ରେ ଯେକୌଣସି ଦଳ ଦ୍ୱାରା କରାଯାଇଥିବା ଦ୍ୱିତୀୟ ସର୍ବାଧିକ ସ୍କୋର ଅଟେ। ଯଦିଓ ଏହି ମୁକାବିଲା ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଅଂଶ ନଥିଲା, ତେଣୁ ଭାରତୀୟ ଦଳକୁ ପଏଣ୍ଟ ଟେବୁଲ୍‌ରେ କୌଣସି ଲାଭ ମିଳିନାହିଁ।

ବିନିକାରେ ଶୀତଳ, ନୀତେଶଙ୍କୁ ବିପୁଳ ସମ୍ବର୍ଦ୍ଧନା।

ବିନିକା ୯।୬ (ଆନିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସ୍ପୋର୍ଟ୍ସ କ୍ଲବ ଠାରେ ମଙ୍ଗଳବାର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି ଏଥିରେ ପୂର୍ବତନ ଏସବିଆଇ ଶାଖା. ପରିଚାଳକ ଘନଶ୍ୟାମ ମେହେର, ଅଧ୍ୟକ୍ଷତା କରିଥିଲେ ମୁଖ୍ୟ ଅତିଥି ଭାବେ ନଗରପାଳ ସୁବାସ ଚନ୍ଦ୍ର ଭୁଏ, ସମ୍ମାନୀତ ଅତିଥି ଭାବେ ଏକଜିକ୍ୟୁଟିଭ ଅଫିସର ମାନସ ରଞ୍ଜନ ଭୋଇ, ଏସ ଆଇ ପ୍ରଭାତୀ ଦାସ, ଏସ ଟି ସଙ୍ଘ ବ୍ଲକ ସଭାପତି ବିରଞ୍ଚି କୁଅଁର, ସାମାଜିକ କର୍ମୀ ଉମେଶ ପ୍ରସାଦ ମାହାଣା, ପ୍ରମୁଖ ଯୋଗଦେଇ ସୁବର୍ଣ୍ଣପୁର ମାଟିର ସୁନା ସନ୍ତାନ ନୀତେଶ କୁମାର ବାରିକ, ଓ ସୁଶ୍ରୀ ଶୀତଳ କୁଶଳ ଙ୍କୁ ମା ମାଟି ର ଗର୍ବ ଗୌରବ ରଖିବା ସହିତ ଯେତେ ଦୂରେ ଥିଲେବି ମା

ମାଟି କୁ ନ ଭୁଲିବା ଦୁଖୀ ଅରକ୍ଷିତ ଙ୍କ ସେବାକୁ ନିଜର କର୍ତ୍ତ୍ୟ ବୋଲି ଭାବିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ସମାରୋହ ସଭାରେ କଳାକାର ସଙ୍ଘ ବିନିକା ବ୍ଲକ, ଏସ ଟି ସଙ୍ଘ, ଏସ ସି ସଙ୍ଘ, ସମେତ ବିନିକା ଅଂଚଳ ର ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଥିବା ବାରିକ, ସୁଶ୍ରୀ କୁଶଳ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏଥି ସହିତ ବିନିକା ବ୍ଲକ ରେ ୨ ବିଜ୍ଞାନ